## ସଂକ୍ଷେପରେ

### ସାଇକେଲ ଚୋରି ଅଭିଯୋଗରେ ଜଣେ ଅଟକ

**ଛତିଆ,୩୧।୭(ଡି.ଏନ୍.ଏ.):** ଛତିଆ ବିଟ୍ ହାଉସ୍ ଅଧୀନସ୍ଥ ଛତିଆ ବଟତଳ ବଜାରରେ ବୁଧବାର ମଧ୍ୟାହ୍ନରେ ଜଣେ ଯୁବକଙ୍କୁ ସାଇକେଲ ଚୋରି କରିବା ଅଭିଯୋଗରେ ପୋଲିସ ଅଟକ ରଖିଛି। ଯୁବକ ଜଣଙ୍କ ଜେନାପୁର ଥାନା ଅନ୍ତର୍ଗତ କଲାଣ୍ଡ ଗ୍ରାମର ଡମ୍ବରୁଧର ବେହେରା। ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବକ ବଟତଳ ବଜାରକୁ ସାଇକେଲ ନେଇ ଆସିଥିଲେ। ସେଠାରେ ଥିବା ଜଣେ ବ୍ୟବସାୟୀଙ୍କ ଦୋକାନ ସମ୍ମୁଖରେ ସାଇକେଲ ରଖି ଦୋକାନ ଭିତରକୁ ଯାଇଥିଲେ। ଏହି ସମୟରେ ଡମ୍ବରୁଧର ସାଇକେଲ ଚୋରି କରି ନେଉଥିବାବେଳେ ଯୁବକ ଜଣଙ୍କ ଦେଖି ତାଙ୍କୁ ଧରିଥିଲେ। ଏ ନେଇ ଛତିଆ ବିଟ୍ ହାଉସ ଅଧିକାରୀଙ୍କୁ ଖବର ଦେବା ପରେ ବିଟ ହାଉସ୍ ଅଧିକାରୀ ଜଗଦୀଶ କର ପହଞ୍ଚି ଡମ୍ବରୁଧରଙ୍କୁ ଧରି ଥାନାକୁ ଆଣିଥିଲେ।

### ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ଜେନାପୁର,୩୧।୭(ଡି.ଏନ୍.ଏ.):** ଜେନାପୁର ପୋଲିସ ବୁଧବାର ବେଆଇନ ମଦ କାରବାର ଅଭିଯୋଗରେ ବୁଧବାର ବାରକଣ ଗ୍ରାମର କାର୍ତ୍ତିକ ବାରିକ(୫୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କାର୍ତ୍ତିକ ସକାଳେ ୧୦ ଲିଟର ଦେଶୀ ମଦ ନେଇ ଘରକୁ ଆସୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲା। ଏ ନେଇ ଏକ ମାମଲା (ନ. ୧୭୨/୧୯) ରୁଜୁ କରାଯାଇ କାର୍ତ୍ତିକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

### ବୈରୀ ଥାନାରେ ଆମ ପୋଲିସ ବୈଠକ

**ଛତିଆ,୩୧।୭(ଡି.ଏନ୍.ଏ.):** ବୁଧବାର ବୈରୀ ଥାନା ପରିସରରେ ଥାନା ପକ୍ଷରୁ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ ପୋଲିସର ସମସ୍ତ ସଭ୍ୟ ଓ ସାଧାରଣ ଜନତା ଯୋଗ ଦେଇଥିଲେ। ଏହି ଅବସରରେ ସାଧାରଣଜନତା ଓ ପୋଲିସଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ବୈଠକର ମୂଳ ଉଦ୍ଦେଶ୍ୟ ବୋଲି ଥାନାଧିକାରୀ ନିରଞ୍ଜନ ଶବର କହିଥିଲେ। ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଉପରେ କିପରି ଅଙ୍କୁଶ ଲଗାଯାଇପାରିବ ଏବଂ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଉପରେ ଉପସ୍ଥିତ ସଭ୍ୟମାନେ ଆଲୋଚନା କରିଥିଲେ। ଆଇଆଇସି ନିରଞ୍ଜନ ଶବରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସବ୍‌ଇନ୍ସପେକ୍ଟର ବିଶ୍ୱଜିତ୍ ବିଶ୍ୱାଳ, ଏଏସ୍‌ଆଇ ଅନିଲ ସାହୁ, ସୋମନାଥ ପଲେଇ, ବ୍ରହ୍ମାନନ୍ଦ ସ୍ୱାଇଁ, ଲକ୍ଷ୍ମଣ ମିଶ୍ର, ନନ୍ଦିନୀ ହେମ୍ବ୍ରମ୍, ବୈଜୟନ୍ତୀ ୱାଲା, ଗୀତା ହେମ୍ବ୍ରମ୍, ବେଣୁଧର ବିଶ୍ୱାଳ, ସତ୍ୟପ୍ରକାଶ ଦାସ, ଦୀପକ୍ ସ୍ୱାଇଁ, ରତ୍ନାକର ପ୍ରଧାନ, ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ଧର୍ମଶାଳା,୩୧।୭(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁରସ୍ଥିତ ଅନନ୍ତ ଗୋପାଳ ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଉତ୍ସବ ଚରଣ ବାରିକ(୬୪)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ଏହି ଖବର ଜଣାପଡିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ବୁଧବାର ଶବ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅବସର ପରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇଥିଲେ।

# ଶୁଖିଲା ପଡ଼ିଛି ଚିରସ୍ରୋତା ବ୍ରାହ୍ମଣୀ

**ରତ୍ନଗିରି, ୩୧।୭(ଡି.ଏନ୍.ଏ.)**



ବରୀ ଅଞ୍ଚଳର ଜୀବନରେଖା ଭାବେ ପରିଚିତ ଚିରସ୍ରୋତା ବ୍ରାହ୍ମଣୀ ଶ୍ରାବଣ ମାସରେ ଶୁଖିଲା ପଡିଛି। ଏହି ନଦୀ ଜେନାପୁରଠାରୁ ବାହାରି ବରୀ ନିର୍ବାଚନମଣ୍ଡଳୀର ପ୍ରଥମାଖଣ୍ଡି, ମଙ୍ଗରାଜପୁର, ଅର୍ଥଙ୍ଗା, ରାଜେନ୍ଦ୍ରପୁର, ବ୍ରହ୍ମବରଦା, ବନ୍ଧଡିଅ, ଗୋଲକୁଣ୍ଡ, ସ୍ୱାଇଁଖଣ୍ଡ, ଇଶାଣପୁର, ସାହୁପଡା, ଚନ୍ଦନପୁର, ମନ୍ଦାରୀ, ଅଲିପୁର, ବାଲିବିଲ, ଅନ୍ୟାସପୁର, ସେରପୁର, କଳାମାଟିଆ ପଞ୍ଚାୟତ ଦେଇ କେନ୍ଦ୍ରାପଡା ପ୍ରବାହିତ ହୋଇଛି। ନଦୀ ଶୁଖିଲା ପଡିବା ଯୋଗୁ ଜନସାଧାରଣ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ପଞ୍ଚାୟତଗୁଡିକ ରତ୍ନଗିରି ପାହାଡର ନିକଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ଜଳ ସ୍ତର ହ୍ରାସ ପାଇବାରେ ଲାଗିଛି। ବରୀ ଏକ କୃଷି ବହୁଳ ଅଞ୍ଚଳ ହୋଇଥିବାରୁ ଚାଷ କାର୍ଯ୍ୟରେ ଚାଷୀ ନଦୀ ଜଳ ଉପରେ ନିର୍ଭର କରିଥାନ୍ତି। ମାତ୍ର ନଦୀ ଶୁଖିଲା ପଡିବାରୁ ପାଣି ଅଭାବରୁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ନଦୀରେ ପାଣି ନ ଆସିବାରୁ ମତ୍ସ୍ୟଜୀବୀ ଜୀବିକା ହରାଇବାରେ ବସିଛନ୍ତି। ରୋଜଗାର ପାଇଁ ଅନ୍ୟକିଛି ଉପାୟ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ଧରି ନଦୀ ଗର୍ଭ ଓ କେତେକ ସ୍ଥାନରେ ନଦୀର ଉଭୟ ପାର୍ଶ୍ୱରେ ତଣ୍ଡି ବଣ ଓ ବାଲୁକାସ୍ତୂପ ସୃଷ୍ଟି ହେବା ଯୋଗୁ ନଦୀର ପାଣି ଚିରସ୍ରୋତା ହେବା କ୍ଷେତ୍ରରେ ବାଧକ ସାଜିଛି। ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ଦୀର୍ଘ ଦିନ ଧରି ବରୀ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନର ନେତୃତ୍ୱ ନେଇଥିବା ବିଭିନ୍ନ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ଓ ବହୁ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ହେଲେ ଏ ଦିଗରେ କୌଣସି ସୁଫଳ ମିଳିପାରି ନାହିଁ। ତେବେ ବ୍ରାହ୍ମଣୀକୁ ଚିରସ୍ରୋତା କରିବା କ୍ଷେତ୍ରରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବରୀ ଅଞ୍ଚଳରେ ପାନୀୟ ଜଳ ସମସ୍ୟାଠାରୁ ଆରମ୍ଭ କରି କୃଷି ଓ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ପ୍ରଭାବିତ ହେବ ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ବରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ, ପଚାରିବାରୁ ଜଳ ସେଚନ କାର୍ଯ୍ୟ ପାଇଁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ଏହିପରି ଜଳ ସମ୍ପଦ ନିର୍ବାହୀ ଯନ୍ତ୍ରୀ ବାମଦେବ ବିଶ୍ୱାଳଙ୍କୁ ପଚାରିବାରୁ, ନଦୀ ଖନନ ପାଇଁ ଜଳ ସମ୍ପଦ ବିଭାଗ ତରଫରୁ ପ୍ରସ୍ତାବ ଦିଆଯାଇଛି। ଅର୍ଥ ମଞ୍ଜୁର ହେବା ପରେ ଖନନ କାମ ଆରମ୍ଭ ହେବ ବୋଲି କହିଛନ୍ତି।

# ୧୫ ଉଚ୍ଚ ବିଦ୍ୟାଳୟରେ ଖାଲି ପଡ଼ିଛି ପ୍ରଧାନ ଶିକ୍ଷକ ପଦବୀ

**ବରୀ, ୩୧।୭ (ସ୍ୱ.ପ୍ର)**

**ବରୀ ବ୍ଲକ୍**

ଯାଜପୁର ଜିଲା ବରୀ ବ୍ଲକ୍ ଅଞ୍ଚଳରେ ଥିବା ୧୫ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଛି। ଏହି ବିଦ୍ୟାଳୟଗୁଡ଼ିକ ସରକାରୀ ସ୍ୱୀକୃତି ପ୍ରାପ୍ତ ହୋଇଥିଲା ବେଳେ ସହକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ ବିଦ୍ୟାଳୟ ପରିଚାଳନାରେ ଅବ୍ୟବସ୍ଥା ଦେଖାଯାଉଛି। ଏହାର ସମାଧାନ ଦିଗରେ ପଦକ୍ଷେପ ପାଇଁ ବୁଧବାର ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଗଣଶିକ୍ଷା ବିଭାଗ ସଚିବଙ୍କୁ ପତ୍ରଯୋଗେ ଜଣାଇଥିବା ଜଣାଡିଛି। ପ୍ରକାଶ ଯେ, ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି, ଅଲିଆବାଦ, ଅଣିକଣା, ଅମଠପୁର ସିଦ୍ଧାଶ୍ରମ ହାଇସ୍କୁଲ୍, ରାଉତସାହି ପି.କେ ହାଇସ୍କୁଲ୍, ବାଲିଆପାଳ ବିଧାନ ଚନ୍ଦ୍ର ଏକାଡ଼େମୀ, ସେରପୁର, ଅଭିମନ୍ୟୁ ବାଲିଆ ସାମନ୍ତ ସିଂହାର ହାଇସ୍କୁଲ୍, ଈଶାଣେଶ୍ୱରୀ ହାଇସ୍କୁଲ ଈଶାନପୁର, ହରିପୁର ହାଇସ୍କୁଲ୍, ରାମଚନ୍ଦ୍ରପୁର ହାଇସ୍କୁଲ୍, ଗମ୍ଭୁ ହାଇସ୍କୁଲ୍, ଧାରପୁର ବାଳିକା ବିଦ୍ୟାଳୟ, ଆମ୍ରକାନନ ଶିକ୍ଷାନିକେତନ ରାଜତୋଟା, ଅନ୍ୟାସପୁର ହାଇସ୍କୁଲ୍ ଆଦି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବି ଖାଲି ପଡିଥିବାରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକମାନେ ଦାୟିତ୍ୱ ତୁଲାଉଛନ୍ତି। ଅପରପକ୍ଷେ ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସଂଖ୍ୟା କମ୍ ରହିଥିଲା ବେଳେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକଙ୍କ ମତାମତ ମିଳିପାରି ନାହିଁ। ବରୀ ବ୍ଲକ୍ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରୁ ହାଇସ୍କୁଲ୍‌ର ସମସ୍ୟା ନେଇ ଜିଲା ଶିକ୍ଷାଧିକାରୀ କହିପାରିବେ ବୋଲି କହିଥିଲେ।

# ବିପଦପୂର୍ଣ୍ଣ ଅବସ୍ଥାରେ ଗଣ୍ଡାନାଳା ପୋଲ

**ଯାଜପୁର ରୋଡ,୩୧।୭(ନି.ପ୍ର)**



ଚୋରଦା ଛକଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଗଣ୍ଡାନାଳ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ପୋଲ ନିର୍ମାଣ ଦୁଇବର୍ଷ ନ ପୁରୁଣୁ ପୋଲର ଛାତରୁ ସିମେଣ୍ଟ ଉଠି ରଡ଼ ଦେଖାଯିବା ସହ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗାତଗୁଡ଼ିକରେ ପାଣି ଜମିରହିବା ଫଳରେ ଯାନବାହାନ ଯାତାୟାତରେ ଅସୁବିଧା ସମ୍ମୁଖିନ ହେବା ସହ ଦୁର୍ଘଟଣା ଘଟୁଛି।

୨୦୧୬-୧୭ରେ ୮କୋଟି ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ ପାଇଁ ବିରଜା କନ୍‌ଷ୍ଟ୍ରକସନ୍ କାର୍ଯ୍ୟ ନେଇଥିଲା। ପୋଲ ନିର୍ମାଣ ସମୟରେ ଦୁଇଥର ଛାତମଧ ଭାଙ୍ଗିଥିଲା। ନିମ୍ନମାନର ଚିପ୍ସ ପୋଲ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଇଥିବାରୁ ପୋଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚୋରଦା କଳିଙ୍ଗନଗର ସଂଯୋଗ କରୁଥିବା ରାସ୍ତାରେ ଥିବା ଏହି ପୋଲ ଉପର ବଡବଡ ଭାରିଯାନମାନ ଯାତାୟତ କରୁଛି। କିନ୍ତୁ ପୋଲରେ ଗର୍ତ୍ତ ସୃଷ୍ଟି ହେବା ଦ୍ୱାରା ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଏସମ୍ପର୍କର ପୂର୍ତ୍ତବିଭାଗର ଏସଡିଓ ମନୋଜ ମହାପାତ୍ରଙ୍କୁ ପଚାରିବାରେ ଚୋରଦା ଛକରୁ ମିଲିଟାରି ଛକ ପର୍ଯ୍ୟନ୍ତ ୬ ଲାଇନ ରାସ୍ତା ନିର୍ମାଣ ହେବ। ସେଥିରେ ଏହି ପୋଲ ମରାମତି ପାଇଁ ଏଷ୍ଟିମେଟ ହୋଇଛି। ପୋଲରେ ସୃଷ୍ଟି ହୋଇଥିବା ଗର୍ତ୍ତ ମରାମତି ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମହାପାତ୍ର କହିଛନ୍ତି।

## ସିରସ୍ତାଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଯାଜପୁର ଟାଉନ ୩୧।୭ (ଡି.ଏନ.ଏ.):** ଯାଜପୁର ଜିଲା ଜଜ୍‌କୋର୍ଟ ବରିଷ୍ଠ ସିରସ୍ତଦାର ବିରଜା ପ୍ରସାଦ ମହାନ୍ତିଙ୍କୁ ବୁଧବାର ଜିଲା ଜଜ୍‌କୋର୍ଟ ପ୍ରାଙ୍ଗଣରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଜିଲାଜଜ୍ ବିରଞ୍ଚି ନାରାୟଣ ମିଶ୍ର ଅବସରପ୍ରାପ୍ତ ମହାନ୍ତିଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଜିଲାଜଜ୍ ପ୍ରଶାନ୍ତ କୁମାର ନାୟକ, ପରିବାର ଅଦାଲତ ଜଜ୍ ପବିତ୍ର ମୋହନ ସାମଲଙ୍କ ସମେତ ସମସ୍ତ ବିଚାରପତି ଉପସ୍ଥିତ ଥିଲେ। ୧୯୯୧ରୁ ମହାନ୍ତି ଚାକିରି ଜୀବନ ଆରମ୍ଭ କରି ବିଭିନ୍ନ କୋର୍ଟର ଭିନ୍ନ ଭିନ୍ନ ପଦବୀରେ ଅବସ୍ଥାପିତ ହୋଇଥିଲେ।

## ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଦୁଇ ଅଟକ

**ଯାଜପୁର ରୋଡ,୩୧।୭(ନି.ପ୍ର.)**

ଯାଜପୁର ରୋଡ ସହରର ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବୁଧବାର ସକାଳେ ୨ଜଣ ବ୍ରାଉନ ସୁଗାର କାରବାର କରୁଥିବାବେଳେ ଯାଜପୁର ରୋଡ ପୋଲିସ ହାତରେ ଧରାପଡ଼ିଛନ୍ତି। ପୋଲିସ ଉଭୟ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଯାଜପୁର ରୋଡ ଆଖପାଖ ଅଞ୍ଚଳରେ ବ୍ରାଉନସୁଗାର, ଗଞ୍ଜେଇ, ଅଫିମ, ଚରସ ପ୍ରଭୃତି ବହୁଳ ଭାବରେ ପାନ ଦୋକାନ ଠାରୁ ଆରମ୍ଭ କରି ଫାଷ୍ଟଫୁଡ଼ ଦୋକାନରେ ବିକ୍ରି ହେଉଛି। ଯୁବକମାନେ ନିଶାକ୍ତ ହେଇ ନିଜର ଭବିଷ୍ୟତ ଜୀବନ ନଷ୍ଟ କରିବା ସହିତ କୁକର୍ମରେ ଲିପ୍ତ ହେଉଛନ୍ତି। ଏନେଇ ଅବକାରୀ ବିଭାଗ ପାଖରେ ଏନେଇ ଖବର ଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହି କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେବେ ଏବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ଦେଖିବାକୁ ମିଳୁଛି।

# ଓଡ଼ିଶା ସାମ୍ବାଦିକ ୟୁନିୟନରୁ ଯାଜପୁର ଜିଲା ଶାଖାର ସାମୂହିକ ଇସ୍ତଫା ଘୋଷଣା

**ଚଣ୍ଡିଖୋଲ,୩୧।୭(ଡି.ଏନ.ଏ)**

ଓଡ଼ିଶାର ବିଭିନ୍ନ ସ୍ଥାନରେ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିବା ସହ ସେମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଆଇନ ଆଣିବା ଦରକାର ବୋଲି ବୁଧବାର ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣମଣ୍ଡପ ପରିସରରେ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ତରଫରୁ ଆୟୋଜିତ ସମାବେଶରେ ନିଷ୍ପତ୍ତି ନିଆଯାଇଛି। ଜିଲା ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶା ସାମ୍ବାଦିକ ୟୁନିୟନରୁ ଯାଜପୁର ଜିଲାର ଶତାଧିକ ସଦସ୍ୟ ସାମୁହିକ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ଜିଲା ସଂଗଠନ ପ୍ରତି ରାଜ୍ୟ ସଂଗଠନର କର୍ମକର୍ତ୍ତାମାନେ ଅଣଦେଖା ଓ ଅବହେଳା କରିବା ସହିତ ବାରମ୍ବାର ଅନ୍ୟାୟ କରାଯାଉଥିବା ପ୍ରତିବାଦରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସମାବେଶରେ ସୂଚନା ଦିଆଯାଇଥିଲା। ଗତ ଡିସେମ୍ବର ୧୬ ତାରିଖରେ ବରୀଠାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକ ଓ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ କିଛି ସଭ୍ୟ ବିଶୃଙ୍ଖଳା ସୃଷ୍ଟି କରିବା ସହିତ ଶତାଧିକ ସଦସ୍ୟଙ୍କ ସହମତିରେ ହୋଇଥିବା ନିର୍ବାଚନକୁ ରାଜ୍ୟ ସଂଗଠନ ସ୍ୱୀକୃତି ନ ଦେବା ଏବଂ ବିଶୃଙ୍ଖଳାକାରୀଙ୍କ ଉପରେ କୌଣସି ପଦକ୍ଷେପ ନ ନେବା ଯୋଗୁ ରାଜ୍ୟସଂଗଠନର ନିଷ୍କ୍ରିୟତା ଉପରେ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ସଭ୍ୟ ଓ ଆବେଦନକାରୀ ସଭ୍ୟମାନେ ସମୁହ ଇସ୍ତଫା ପ୍ରଦାନ କରିଛନ୍ତି। ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।ଏହି ବୈଠକରେ ବରିଷ୍ଠ ସଭ୍ୟ ପ୍ରଦୀପ୍ତ କୁମାର ପରିଡ଼ା, ଶଙ୍କର୍ଷଣ କୁଣ୍ଟୁ, ଉମାକାନ୍ତ ଧଳ, ପୁର୍ବତନ ଜିଲା ସଭାପତି ଇନ୍ଦ୍ରମଣୀ ନାୟକ, ପୂର୍ବତନ ଜିଲା ସଭାପତି ସୁବାଷ ଚନ୍ଦ୍ର ଧଳ, ପ୍ରାକ୍ତନ ସାଧାରଣ ସମ୍ପାଦକ ଚିନ୍ତାମଣୀ ପାଢୀ, ଉଦୟନାଥ ଖଣ୍ଡାୟୀ, ଉମାକାନ୍ତ ରାଉତ, ମାନସ କୁମାର ଜେନା, କାଳନ୍ଦୀ କଣ୍ଡ, କୈଳାସ ମଲିକ, ପ୍ରତାପ ଦାସ, ପ୍ରଦୀପ୍ତ କୁମାର ପୃଷ୍ଟି, ଅଖିଳ ସ୍ୱାଇଁ, ସେକ ମନିରୁଦ୍ଦିନ, ଅବିନେଶ୍ୱର ଶତପଥି, ସଞ୍ଜୟ ସ୍ୱାଇଁ, ସେକ ସବିରୁଦ୍ଦିନ, ହେମେଶ ଜେନା, ଭାରତଭୁଷଣ ପଣ୍ଡା, ସମରେନ୍ଦ୍ର ମାହାଲା, ମନୋଜ ସାହୁ, ନୀଳମାଧବ ନାୟକ, କୈଳାସ ଚନ୍ଦ୍ର ପୃଷ୍ଟି, ଉମାକାନ୍ତ ମହାପାତ୍ର, ବସନ୍ତ ନାୟକ, ତରୁଣ ନନ୍ଦ, ଉଦୟ ପ୍ରତାପ ସିଂ, ସନ୍ଦୀପ ରାୟ, ପ୍ରତ୍ୟୁଷ ନାୟକ, ଅମୂଲ୍ୟ ବରାଳ, ଅକ୍ଷୟ ଜେନା, ବିଶ୍ୱଜିତ ଖିଲାରଙ୍କ ସମେତ ବହୁ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୫୦ରୁ ଊର୍ଦ୍ଧ ଖବରଦାତା ଯୋଗ ଦେଇଥିଲେ। ଶେଷରେ ମହେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଅସହାୟ ମା', ଝିଅଙ୍କୁ ସହାୟତାର ହାତ ବଢ଼ାଇଲେ ତହସିଲଦାର

**ରସୁଲପୁର,୩୧।୭(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ପଠାଣ ମହାଲାରେ ରହୁଥିବା ମା' ୱାହେଦା ପରବିନ୍ ଓ ତାଙ୍କ ୧୨ବର୍ଷର ଝିଅଙ୍କୁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ସହାୟତାରେ ବଢାଇଛନ୍ତି। ଏହି ମା'ଝିଅ ଗତ କିଛିଦିନ ହେଲା ଅର୍ଥାଭାବରୁ ରନ୍ଧାଖାଦ୍ୟ ଖାଇ ନ ଥିଲେ। ଏପରି କି ଶୁଖିଲା ଖାଦ୍ୟ ବି ସେମାନଙ୍କୁ ମିଳି ନ ଥିଲା। ବିନା ଖାଦ୍ୟରେ ସେମାନେ ଜୀବନ ବିତାଉଥିବାନେଇ ଧରି ଗଣମାଧ୍ୟମରେ ପ୍ରକାଶ ପାଇବାପରେ ମଙ୍ଗଳବାର ରାତିରେ ତହସିଲଦାର ଉକ୍ତ ପରିବାର ନିକଟରେ ପହଞ୍ଚି ଥିଲେ। ୱାହେଦାଙ୍କ ଘରର ସ୍ଥିତି ପରଖି ଥିଲେ। ସେ ଏକ ଭଙ୍ଗା କୁଡ଼ିଆ ଘରେ ବାସ କରୁଥିବା ଦେଖିଥିଲେ। ଘର ଭିତରେ ବର୍ଷାପାଣି ଓଦା ହୋଇଯାଇଥିଲା। ଘର ଭିତରେ ଗୃହପାଳିତ ପଶୁ ଛେଳି ଓ କୁକୁଡାଙ୍କ ସହ ଏକାଠି ମା',ଝିଅ ରହୁଥିବା ସ୍ଥିତିକୁ ତହସିଲଦାର ବେଶ୍ ଅନୁଭବ କରିବା ସହ ଉକ୍ତ ପରିବାରକୁ ଏକ ପଲିଥିନ, ରାଶନ ସାମଗ୍ରୀ ଓ ନିଜସ୍ୱ ତରଫରୁ ୧ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଉକ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ସରକାରୀ ଆବାସ ମିଳିଛି। ଉକ୍ତ ଘର ନିର୍ମାଣ କାର୍ଯ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ନିର୍ମାଣ ସରିଥିବା ଅଂଶ ପାଇଁ ବ୍ଲକ ତରଫରୁ ବିଲ୍ ମିଳି ନ ଥିବାରୁ ଏହାର ତୁରନ୍ତ ସାମଧାନ ପ୍ରତି ଗୁରୁତ୍ୱ ପ୍ରଦାନ କରିବେ ବୋଲି ତହସିଲଦାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥି ପୂର୍ବରୁ ସୋମବାର ସମାଜସେବିକା ଅହଲ୍ୟା ମଣ୍ଡଳ ଉକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ତହସିଲଦାର ଭୁଜବଳଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶନ କରି ମା',ଝିଅଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇଥିବା ପ୍ରକାଶ କରିବା ସହ ଉକ୍ତ ପରିବାରକୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହଯୋଗ ଯୋଗାଇଦେବାକୁ ସେ ପ୍ରୟାସ କରିବେ ବୋଲି କହିଛନ୍ତି।



## କେନ୍ଦ୍ରାପଡ଼ା ପୌରପାଳିକା

**ସଂଖ୍ୟା: ୩୪୨୨** **ତାରିଖ: ୩୦।୦୭।୨୦୧୯**

### ସୂଚନା

ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କେନ୍ଦ୍ରାପଡ଼ା ପୌରପାଳିକା ତା ୦୧।୧୧।୨୦୧୮ ରିଖ ଦିନ ବାହ୍ୟ ମଳମୁକ୍ତ ସହର ଭାବେ ଘୋଷିତ ହୋଇଥିଲା। ଏଥିନିମନ୍ତେ ନିଜସ୍ୱ ଶୌଚାଳୟ/ ଗୋଷ୍ଠୀ ଶୌଚାଳୟ/ ସାମୂହିକ ଶୌଚାଳୟ ମାନ ନିର୍ମିତ ହୋଇଥିଲା, ତେଣୁ କେନ୍ଦ୍ରାପଡ଼ା ପୌରପାଳିକାରେ କାହାକୁ ବାହାରେ ଶୌଚ କରିବାକୁ ଅନୁମତି ଦିଆଯାଇ ନାହିଁ।

ଏହି ସୂଚନା ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି କି ଯଦି ସେମାନେ ବାହାରେ ଶୌଚ କରିବାର ଦେଖାଯାଏ ତେବେ ସେମାନଙ୍କଠାରୁ ଏଥିନିମନ୍ତେ ଜରିମାନା ଆକାରରେ ୫୦ ଟଙ୍କା ପୌରପାଳିକାର ଟିକସ ସଂଗ୍ରାହକଙ୍କ ଦ୍ୱାରା ସଂଗ୍ରହ କରାଯିବ, ଯଦି ଏହି ଜରିମାନା ଆପଣ ଦାଖଲ ନ କରନ୍ତି ତେବେ ଏହି ଜରିମାନା ଆପଣଙ୍କ ଗୃହ ଟିକସରେ ଯୁକ୍ତ କରାଯିବ। ଏହା ସହିତ ଯଦି କେହି ଏହି ଆଦେଶକୁ ଅବମାନନା କରନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡ଼ା ପୌରପାଳିକା

Odisha Coal and Power Limited OCPL

## ODISHA COAL AND POWER LTD.
## (A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No : 0674-2300654 /2300664

### NOTICE INVITING TENDER

Date: 01.08.2019

Sealed bids in prescribed format are invited from manufacturers/ suppliers / agencies/Contractor for the following work :

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| NIT No: OCPL/SITE-SUP-06/2019 | | | | | | |
| 1 | Supply & installation of VHF handset and batteries for OCPL | Rs.1180/- (Rupees One thousand one hundred and eighty only) including GST. | Rs.5,000/- (Rupees Five thousands Only) | 01.08.2019 | 13.08.2019 | 03:00 PM on 21.08.2019 03:30 PM on 21.08.2019 |

Interested bidders may download the RFP documents from our website, i.e www.ocpl.org.in. Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd/- Sr. Manager (Commercial & Contracts)
Mob : 7608008703

Odisha Coal and Power Limited OCPL

## ODISHA COAL AND POWER LTD.
## (A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No : 0674-2300654 /2300664

### NOTICE INVITING TENDER

NIT No.OCPL/SER-94/2019 Date: 01.08.2019

Sealed bids in prescribed format are invited from companies/agencies/ firms for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| 1 | Core drilling, Preparation of Geological Report and Mining Plan for exploration of fireclay in Manoharpur Coal Block, Sundargarh, Odisha | Rs.11,800 (Rupees Eleven Thousand Eight Hundred Only) including GST. | Rs.1,00,000/- (Rupees One Lakh Only) | 01.08.2019 | 16.08.2019 | 3:00 PM on16.09.2019 3:30 PM on 16.09.2019 |

For further details, bidders may visit our website, i.e www.ocpl.org.in . Any clarification may please be addressed to the undersigned at the above address or by email to: a.kanungo@ocpl.org.in.

Sd./-
Addl. General Manager (Commercial & Contracts)
Tel -0674-2300964 (D)



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦାନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି ।

- ଦୀନ ଦୟାଲ



## ସଂକ୍ଷେପରେ

### ଅଗଷ୍ଟ ମାସର ଅଭିଯୋଗ ଶୁଣାଣି

**ଯାଜପୁର ଟାଉନ ୩୧ା୭ (ଡି.ଏନ୍.ଏ.) :** ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ମାସର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଅଗଷ୍ଟ ମାସ ୫ ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ମିଳିତ ଅଭିଯୋଗ ଶୁଣାଣି, ୧୩ ତାରିଖରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ, ୧୯ ତାରିଖରେ ଯାଜପୁର ରୋଡ ଟାଉନ ହଲ, ୨୬ ତାରିଖରେ ରସୁଲପୁର ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଅଭିଯୋଗ ଶୁଣାଣି, ମହାସମାଧାନ ଓ କୃଷି ସମାଧାନ ଶିବିର ଆଦି ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ମିଳିଛି।

### ଯାଜପୁର ରୋଡ୍ - ଧାମରା ରେଳପଥ ନିର୍ମାଣ ଦାବି ତେଜିଲା
### ଅଗଷ୍ଟ ୪ରେ ଗଣ ସମ୍ମିଳନୀ

**ଯାଜପୁର ରୋଡ,୩୧ା୭(ନି.ପ୍ର):** ଯାଜପୁର ରୋଡ-ଧାମରା ଭାୟା(ଯାଜପୁର, ମଙ୍ଗଳପୁର ଓ ଆରଡି) ରେଳପଥ ନିର୍ମାଣ ଦାବି ଜୋର ଧରିଛି। ରେଳପତ ନିର୍ମାଣ ଦାବିରେ ଯାଜପୁର ରୋଡ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଆସନ୍ତା ଅଗଷ୍ଟ ୪ ରେ ଏକ ଗଣ ସମ୍ମିଳନୀ କରାଯିବା ସଙ୍ଗେ ଆନ୍ଦୋଳନ ରୂପରେଖ ସମ୍ପର୍କରେ ସ୍ଥିର କରାଯିବ। ଏହି ଗଣ ସମ୍ମିଳନୀକୁ ସଫଳ କରିବା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଆବାହକ ମଣ୍ଡଳୀ ପକ୍ଷରୁ ବ୍ୟାସନଗର ପୌରାଞ୍ଚଳର ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ଆଇଏନ୍‌ଟିୟୁସିର ଜିଲା ସଭାପତି ବିଦ୍ୟାଧର ମହାନ୍ତି ଓ ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ ସମେତ ବହୁ ବୁଦ୍ଧିଜୀବୀ ଏବଂ ବିଭିନ୍ନ ଦଳର ରାଜନେତା ଯୋଗଦେଇ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ରେଳପଥ ନିର୍ମାଣ ପାଇଁ ଆନ୍ତରିକତା ନାହିଁ। ୨୦୧୯-୨୦ରେ କେନ୍ଦ୍ର ବଜେଟ୍‌ରେ ଏହି ରେଳପଥ ନିର୍ମାଣ ପାଇଁ କୌଣସି ବଜେଟ୍ କରାଯାଇନାହିଁ। କେନ୍ଦ୍ର ସରକାରଙ୍କର ଯାଜପୁର ଓ ଭଦ୍ରକ ଜିଲା ପ୍ରତି ଉପେକ୍ଷା ପ୍ରତିବାଦରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### ଟ୍ରକ୍ ଧକ୍କାରେ ଯୁବକ ଗୁରୁତର

**କଳିଙ୍ଗନଗର,୩୧ା୭(ଡି.ଏନ୍.ଏ.):** କଳିଙ୍ଗନଗର ଶିଳ୍ପାଞ୍ଚଳ କରିଡର ରାସ୍ତାର ଟାଟା ୩ ନଂ ଗେଟ୍ ସମ୍ମୁଖରେ ବୁଧବାର ଅପରାହ୍ନରେ ମାଲବାହୀ ଟ୍ରକ୍ ଏକ ବାଇକକୁ ଧକ୍କା ଦେଇଛି। ଏଥିରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଯଖପୁରା ଥାନା ମାଣତିରା ପଞ୍ଚାୟତ ଅଧୀନ ଅରାସାହି ଗ୍ରାମର ରମେଶ ମଲ୍ଲିକ (୩୫)। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ମେଡିକା ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ରମେଶ ବି ସିଫ୍ଟ କାମସାରି ଘରକୁ ଫେରୁଥିବାବେଳେ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। କଳିଙ୍ଗନଗର ଥାନା ପୋଲିସ ଘଟଣାସ୍ଥଳରୁ ଗାଡି ୨ଟିକୁ ଜବତ କରିଛି। ଏହି ଘଟଣାପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି।

### ବ୍ଲକଗ୍ରାଣ୍ଟ୍ ଅନୁଦାନରୁ ବଞ୍ଚିତ ୩୧ ଶିକ୍ଷକ ଓ କର୍ମଚାରୀ

**ଯାଜପୁର ରୋଡ,୩୧ା୭(ନି.ପ୍ର.):** ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୩୧ ଶିକ୍ଷକ ଓ କର୍ମଚାରୀ ବ୍ଲକ ଗ୍ରାଣ୍ଟରୁ ବଞ୍ଚିତ ହୋଇଛନ୍ତି। ଏହି ଶିକ୍ଷକମାନେ ୧୯୯୯ରୁ ନିଯୁକ୍ତି ପାଇଥିଲେ ମଧ କଲେଜ କର୍ତ୍ତୃପକ୍ଷ ସେମାନଙ୍କ ନିଯୁକ୍ତିପତ୍ର, ଅନ୍ୟାନ୍ୟ କାଗଜପତ୍ର ତନଖି ପାଇଁ ଉଚ୍ଚଶିକ୍ଷା ବିଭାଗକୁ ପଠାଇ ନ ଥିବାରୁ ଏପରି ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ୩ ଥର ଚିଠି କରିଥିଲେ ମଧ ମହାବିଦ୍ୟାଳୟ ପକ୍ଷରୁ ଶିକ୍ଷକ ଓ କର୍ମଚାରୀ କାଗଜପତ୍ର ପ୍ରସ୍ତୁତ କରି ପଠାଇ ନ ଥିବାରୁ ବ୍ଲକ୍ ଗ୍ରାଣ୍ଟ ଅନୁଦାନରୁ ବଞ୍ଚିତ ହେଉଛନ୍ତି। ୧୯ ବର୍ଷ ଧରି ଚାକିରୀ କରିଥିଲେ ମଧ ଅଧକ୍ଷଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ଅନୁଦାନ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ପରିଚାଳନା କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ଦରମାରେ ପରିବାର ଭରଣପୋଷଣ କରିବା କଷ୍ଟକର ହୋଇ ପଡିଛି। ଏ ନେଇ ମହାବିଦ୍ୟାଳୟର ଅଧକ୍ଷ ମେଜର ଶେଖ୍ ଅବୁତାରଙ୍କୁ ପଚାରିବାରୁ ସମ୍ପୃକ୍ତ ଶିକ୍ଷକ ଓ କର୍ମଚାରୀଙ୍କ କାଗଜପତ୍ର ଉଚ୍ଚଶିକ୍ଷା ବିଭାଗକୁ ପଠା ଯାଇ ପାରି ନ ଥିବାରୁ ଏପରି ସମସ୍ୟା ଦେଖାଦେଇଛି। ଖୁବ୍‌ଶୀଘ୍ର ସମସ୍ତ ଶିକ୍ଷକଙ୍କ କାଗଜପାତ୍ର ପ୍ରସ୍ତୁତ କରି ଉଚ୍ଚଶିକ୍ଷା ବିଭାଗକୁ ପଠାଇବେ ବୋଲି କହିଛନ୍ତି।

## ଲୋକାଲ ଫଣ୍ଡ ଅଡିଟରେ ଧରାପଡ଼ିଲା ଅନିୟମିତତା
# ଗୁରୁତ୍ୱପୂର୍ଣ୍ଣ ରେକର୍ଡ ଦାଖଲରେ ବିଫଳ

**ଯାଜପୁର ଅଫିସ,୩୧ା୭**

ଯାଜପୁର ଜିଲା ପରିଷଦରେ ବ୍ୟାପକ ଅନିୟମିତତା ଓ ଅବହେଳା ହୋଇଥିବା ଲୋକାଲ ଫଣ୍ଡ ଅଡିଟ ରିପୋର୍ଟରେ ଧରା ପଡ଼ିଛି। ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ଓ ରେଜିଷ୍ଟାର ବ୍ୟବହାର ନ କରି ଅଡିଟ ଦଳକୁ ଭୂଆଁ ବୁଲାଇବାକୁ ଏଠାରେ ଉଦ୍ୟମ ହୋଇଛି। ଆବଶ୍ୟକ ରେକର୍ଡ ପତ୍ର ଦାଖଲ ନ କରିବା ପଛରେ କୋଟି କୋଟି ଟଙ୍କାର କେଳେଙ୍କାରୀ ହୋଇଥିବା ସନ୍ଦେହ କରାଯାଉଛି। ୨୦୧୭-୧୮ବର୍ଷର ଅଡିଟ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ସନ୍ତୋଷଜନକ କାର୍ଯ୍ୟ ହୋଇ ନ ଥିବାରୁ ଆବଣ୍ଟିତ ଅନୁଦାନରୁ ମାତ୍ର ୪୩.୮୮ପ୍ରତିଶତ ଖର୍ଚ୍ଚ ହୋଇଥିଲା। ଯାହାକି ବିଭିନ୍ନ ଲୋକହିତକର ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନୈରାଶ୍ୟଜନକ ଅଟେ। ବିନା ବଜେଟ ଏଷ୍ଟିମେଟ ଓ ଠିକ ସମୟରେ ଅନୁଦାନ ପ୍ରଦାନ ନ କରିବା ସହ ଆବଶ୍ୟକ କର୍ମଚାରୀ, ଅଧିକାରୀଙ୍କ ଅଭାବ ଯୋଗୁ ଏଭଳି ଅନିୟମିତତା ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଅଡିଟରେ ୨୦,୯୫୨ଟଙ୍କା ଅସୁଲି କରିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ୩୭,୯୧,୨୯୭.୭୫ ଟଙ୍କା ଅଣ୍ଡର ଅବ୍‌ଜେକ୍ସନ ରଖାଯାଇଛି।

ଯାଜପୁର ଜିଲା ପରିଷଦର ୨୦୧୭-୧୮ ଆର୍ଥିକ ବର୍ଷର ଲୋକାଲ ଫଣ୍ଡ ଅଡିଟ ୩ା୬ା୨୦୧୯ ତାରିଖରେ ଦାଖଲ କରାଯାଇଥିଲା। ଅଡିଟ ରିପୋର୍ଟ ସମୟରେ ବିଭାଗୀୟ ଅଧିକାରୀ ଫିଜିକାଲ ଭେରିଫିକେସନ ପାଇଁ କ୍ୟାଶବୁକ ଦାଖଲ କରି ପାରି ନ ଥିଲେ। ତେଣୁ ଅର୍ଥ ବିନିଯୋଗରେ ବ୍ୟାପକ ହେରାଫେରି ହୋଇଥିବା ଆଶଙ୍କା ପ୍ରକାଶ ପାଇଛି। ଗୋଟିଏ କାର୍ଯ୍ୟକୁ ଦୁଇ ଦୁଇଥର ବିଲ୍ ହୋଇଥିବା ଏଥିରୁ ସନ୍ଦେହ ଘନୀଭୂତ ହୋଇଛି। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ଆଉଟଷ୍ଟାଣ୍ଡିଂ ଲେଜର, ମିସ୍ ରିସିପ୍ଟ ଷ୍ଟକ ରେଜିଷ୍ଟାର, ପର୍ମାନେଣ୍ଟ ଷ୍ଟକ ରେଜିଷ୍ଟାର ଆଦି ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ପୂର୍ବ ବର୍ଷର ବକେୟା ବାବଦକୁ ୩,୧୫,୯୧,୨୨୯ ଟଙ୍କା ରହିଥିଲା। ସେହିବର୍ଷ ୪,୬୪,୨୫,୦୦୮ ଟଙ୍କା ବିଭିନ୍ନ ଯୋଜନାରେ ଅନୁଦାନ ମଞ୍ଜୁର ହୋଇ ଗ୍ରହଣ ହୋଇଥିଲା। ଏଭଳିଭାବେ ସମୁଦାୟ ୭କୋଟି ୮୦ଲକ୍ଷ ୧୬ ହଜାର ୨୩୭ ଟଙ୍କା ମହଜୁଦ ରହିଥିଲା। ହେଲେ ମାତ୍ର ୩ କୋଟି ୪୨ଲକ୍ଷ ୩୪ ହଜାର ୪୩୫ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ଦରମା, ଜିଲା ପରିଷଦ କର୍ମଚାରୀ, ଡେଭ୍‌ଲପ୍‌ମେଣ୍ଟ ଫଣ୍ଡ, ଅଣଆବାସିକ ଗୃହ, ଏମ୍‌ଭି ଟ୍ୟାକ୍ସ ଆଦି ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଯାହାକି ମାତ୍ର ୪୩.୮୮ ପ୍ରତିଶତ। ତେଣୁ ଅଡିଟ ରିପୋର୍ଟରେ ତୁରନ୍ତ ଏହି ସରକାରୀ ପାଣ୍ଠିକୁ ଖର୍ଚ୍ଚ କରିବାକୁ ପରାମର୍ଶ ଦିଆଯାଇଥିଲା। ନିୟମ ଅନୁସାରେ ବର୍ଷକ ମଧ୍ୟରେ ମଞ୍ଜୁରପ୍ରାପ୍ତ ଅନୁଦାନ ଖର୍ଚ୍ଚ କରି ନ ପାରିଲେ ସରକାରଙ୍କୁ ଫେରସ୍ତ କରିବା କଥା। କିନ୍ତୁ ଏଠାରେ ଏହାର ବ୍ୟତିକ୍ରମ ଘଟିଛି। କାହା ସ୍ୱାର୍ଥରେ ୪ କୋଟି ୩୭ ଲକ୍ଷ ୮୧ ହଜାର ଟଙ୍କା ଫେରସ୍ତ କରାଯାଇ ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି। ଏଥିପାଇଁ ରିପୋର୍ଟରେ ଉପଯୁକ୍ତ ପରିଚାଳନାର ଅଭାବ ଦାୟୀ ବୋଲି କୁହାଯାଇଛି। ଜିଲା ପରିଷଦରେ ପୂର୍ବରୁ ଖର୍ଚ୍ଚ ହୋଇ ନ ପାରିବା ରେକର୍ଡ ରହିଛି। ୨୦୧୩-୧୪ ବର୍ଷ ପର୍ଯ୍ୟନ୍ତ ୧,୩୬,୩୭,୩୪୯.୦୨ ଟଙ୍କା, ୨୦୧୪-୧୫ ବର୍ଷରେ ୨୩,୬୭,୭୩୪ ଟଙ୍କା, ୨୦୧୫-୧୬ ବର୍ଷରେ ୧,୩୪,୧୪,୦୨୬ ଟଙ୍କା, ୨୦୧୬-୧୭ ବର୍ଷରେ ୧୫,୮୫,୮୫୮ ଟଙ୍କା ଏବଂ ୨୦୧୭-୧୮ ବର୍ଷରେ ୧,୨୬,୭୬,୮୩୪ ଟଙ୍କା ଖର୍ଚ୍ଚ ହୋଇ ପାରିନାହିଁ। ଜିଲାର ଗରିବ ନୀରିହ ଲୋକଙ୍କ ପାଇଁ ଆସୁଥିବା ଜିଲା ପରିଷଦ ପାଣ୍ଠି ଏଭଳି ଭାବେ ଖର୍ଚ୍ଚ ହୋଇ ନ ପାରି ପଡ଼ି ରହୁଥିବାରୁ ଜିଲା ବିକାଶର ଅଗ୍ରଗତି ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି। ଏହାସହ ବିନିଯୋଗ ପତ୍ର (ୟୁସି) ଦାଖଲ କରିବାରେ ମଧ ଯାଜପୁର ଜିଲା ପରିଷଦ ବହୁ ପଛରେ ରହିଛି। ଅଡିଟ ସମୟରେ ଟଙ୍କାଟିଏର ବି ୟୁସି ଦାଖଲ ହୋଇ ନ ଥିବାବେଳେ ସମୁଦାୟ ୧୭ କୋଟି ୩୫ ଲକ୍ଷ ୨୩ ହଜାର ୬୯୫ ଟଙ୍କାର ୟୁସି ଦାଖଲ ବାକି ରହିଥିଲା । ତେଣୁ ଅଡିଟରେ ବର୍ଷକୁ ବର୍ଷ ୟୁସି ଦାଖଲ ପରିମାଣ ବୃଦ୍ଧି ପାଉଥିବା ସହ ଏହା ଏକ ଉଦ୍‌ବେଗଜନକ ବୋଲି ଦର୍ଶାଯାଇଛି । ଏହି ଅଡିଟ ପ୍ରକ୍ରିୟା ଗତ ୬ା୧୧ା୨୦୧୮ ରୁ ୧୨ା୧୨ା୨୦୧୮ ପର୍ଯ୍ୟନ୍ତ ଚାଲିଥିଲାବେଳେ ସୁଧାଂଶୁଶେଖର ମହାନ୍ତି ଅଡିଟ ଦାୟିତ୍ୱ ତୁଲାଇଥିଲେ ।

**ଯାଜପୁର ଜିଲା ପରିଷଦ**
- ଖର୍ଚ୍ଚ ହୋଇ ପାରିନାହିଁ ୪.୩୭ କୋଟି
- ୧୭.୩୫ କୋଟି ୟୁସି ଦାଖଲ ବାକି
- ୩୭.୯୧ ଲକ୍ଷ ଅଣ୍ଡର ଅବଜେକ୍ସନ

### ୨ ଉଦ୍ଧାର ନାବାଳକଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର

**ରସୁଲପୁର,୩୧ା୭(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବିଜୁନଗର ଅଞ୍ଚଳରୁ ୨ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। କୁଆଖିଆ ପୋଲିସ ପକ୍ଷରୁ ବୁଧବାର ଅପରାହ୍ନରେ ଶୁଭମ୍ ହୋଟେଲରେ କାମ କରୁଥିବା ଜଣେ ନାବାଳକଙ୍କୁ ଉଦ୍ଧାର କରିଥିବାବେଳେ ବାବୁ ଲେଦ୍‌ରେ କାର୍ଯ୍ୟ କରୁଥିବା ଅନ୍ୟଜଣେ ନାବାଳକଙ୍କୁ ଠାବ କରିବାରେ ସଫଳ ହୋଇଛି। ହୋଟେଲରୁ ଉଦ୍ଧାର ନାବାଳକଙ୍କ ଘର ବିଞ୍ଝାରପୁର ଥାନା ଅନ୍ତର୍ଗତ ବିଞ୍ଝାରପୁର ମଲିକ ସାହିର ହୋଇଥିବା ବେଳେ ଗାରେଜରୁ ଉଦ୍ଧାର ହୋଇଥିବା ନା ବାଳକଙ୍କ ଘର କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ପଞ୍ଚାୟତର ବୋଲି ଜଣାପଡିଛି। ଉଭୟ ନାବାଳକକୁ ପୋଲିସ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି। କମିଟି ପକ୍ଷରୁ ପିଲାମାନଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି । ପରୀ ସପ୍ତାହ ପାଳନ ଅବସରରେ କୁଆଖିଆ ଥାନା ପକ୍ଷରୁ ନାବାଳିକାବାଳକଙ୍କୁ ଉଦ୍ଧାର କରିବା ଦିଗରେ ତତ୍ପରତା ପ୍ରକାଶ କରାଯାଇଥିବା ଲକ୍ଷ୍ୟ କରାଯାଇଛି।

### ଲୋକ ସମ୍ପର୍କ ବିଭାଗ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

**ଯାଜପୁର ଟାଉନ ୩୧ା୭ (ଡି.ଏନ୍.ଏ.)**

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ନିକ୍ଷେପକ ପ୍ରତାପ କେଶରୀ ସେନ ବୁଧବାର ସରକାରୀ କାର୍ଯ୍ୟରୁ ଅବସର ନେଇଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରତାପଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପ୍ରତାପ କେଶରୀ ଜଣେ ନିଷ୍ଠାପର କର୍ମଚାରୀ ଭାବେ ବେଶ ଲୋକପ୍ରିୟ ଥିଲେ ବୋଲି ସେଠୀ କହିଥିଲେ। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ମିନତୀ ଦାଶ, ନିତ୍ୟାନନ୍ଦ ନାୟକ, ପ୍ରଭାତ କୁମାର ପଣ୍ଡା, ସୁରେନ୍ଦ୍ର ନାଥ ସାହୁ, ସତ୍ୟଜିତ ନାୟକ, ରତିକାନ୍ତ ମହାନ୍ତି, ରବୀନ୍ଦ୍ର କୁମାର ଦାସ, ବାରୁଣୀ ସେଠୀ, ସୁରେନ୍ଦ୍ର କୁମାର ଯେନା ଯୋଗ ଦେଇଥିଲେ। ଏହି ବିଦାୟକାଳୀନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ବିଭାଗର କର୍ମଚାରୀ ବିନୋଦ କୁମାର ସିଂ, ସୁଶାନ୍ତ କୁମାର ଗୋଚ୍ଛାୟତ, ଅଜିତ୍ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କେନାଲରେ ବୁଡ଼ି ୨ବର୍ଷ ଶିଶୁର ମୃତ୍ୟୁ

**ଯାଜପୁର ଟାଉନ ୩୧ା୭ (ଡି.ଏନ୍.ଏ.)**

ଯାଜପୁର ମୁଖ୍ୟ କେନାଲରେ ବୁଡ଼ି ବୁଧବାର ୨ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ହେଲେ ଚଇନିପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ଜଗନ୍ନାଥ ସୁତାରଙ୍କ ୨ବର୍ଷ ପୁଅ ସ୍ୱରୂପ। ଘର ନିକଟ ମୁଖ୍ୟ କେନାଲ ବନ୍ଧ ଉପରେ ଖେଳୁଥିବା ସମୟରେ ସ୍ୱରୂପ ଗଭୀର ପାଣିକୁ ଖସିପଡ଼ିଥିଲା। ପରିବାରର ଲୋକମାନେ ବହୁ ଖୋଜାଖୋଜି କରିବା ପରେ ମକେଇପୁର ନିକଟରେ କେନାଲ ମଧ୍ୟରୁ ମୃତ ଦେହକୁ ଉଦ୍ଧାର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ଜାରି କରିଛନ୍ତି।

## ମା’ ବିରଜାଙ୍କ ସିଂହାସନ ରଙ୍ଗ ଦେବା ଘଟଣା
### କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ଟାଉନ ୩୧ା୭ (ଡି.ଏନ୍.ଏ.)**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ସିଂହାସନରେ ରଙ୍ଗ ଦେବା ଘଟଣା ଭକ୍ତଙ୍କ ମନରେ ଭାବାବେଗ କ୍ଷତ ସୃଷ୍ଟି କରିଥିଲା। ଏହି ଘଟଣାକୁ ନେଇ କେତେକ ବିରଜା ପ୍ରେମୀ ଉପଜିଲାପାଳଙ୍କୁ ଭେଟି ରଙ୍ଗ ଲଗାଇଥିବା ସେବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗତ ରବିବାର ମା’ ବିରଜା ସିଂହାସନରେ ପୂଜକ ତାରପିନ୍ ଓ ରଙ୍ଗ ଲଗାଇବା ଘଟଣା ଜଣାପଡ଼ିବା ପରେ ଭକ୍ତମାନଙ୍କ ଭାବାବେଗକୁ କ୍ଷତି ପହଞ୍ଚାଇଥିଲା। ଘଟଣାର ସତ୍ୟାସତ୍ୟ ଜାଣିବା ପରେ ମନ୍ଦିରର ଟ୍ରଷ୍ଟି ତଥା ଉପଜିଲାପାଳ ସମ୍ପୃକ୍ତ ପୂଜକଙ୍କ ନାମରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଅପରପକ୍ଷରେ ପୂଜକଙ୍କ ବିରୋଧରେ କେବଳ କାରଣ ଦର୍ଶାଅ ନୋଟିସ ନୁହେଁ ବରଂ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ବହୁ ଭକ୍ତ ଏବଂ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏସମ୍ପର୍କରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଦାବିପତ୍ର ପ୍ରଦାନକାରୀଙ୍କୁ ସେବକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହିତ ଏସମ୍ପର୍କରେ ପ୍ରତ୍ନତତ୍ତ୍ୱ ବିଭାଗକୁ ଅବଗତ କରାଯାଇଛି। ସେବାୟତମାନେ ଭବିଷ୍ୟତରେ ଏଭଳି କାର୍ଯ୍ୟ କିପରି ନ କରିବେ ସେଥିପାଇଁ ନଜର ରଖାଯିବା ସହ ଖୁବ ଶୀଘ୍ର ଟ୍ରଷ୍ଟ ବୋର୍ଡ ମିଟିଂ ଡାକି ସେମାନଙ୍କୁ ଜଣାଇ ଦିଆଯିବ ବୋଲି ଧଳ କହିଛନ୍ତି।

### ଆର୍‌ଟିଆଇ ଆଇନକୁ ଅଧିକ ସଶକ୍ତ କରିବାକୁ ଦାବି

**ଯାଜପୁର ଟାଉନ,୩୧ା୭ (ଡି.ଏନ୍.ଏ.)**

ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ପ୍ରଣୟନ ପରେ ଦେଶରୁ ଦୁର୍ନୀତି ଦୂର ହୋଇପାରିବା ନେଇ ଆଶା କରାଯାଉଥିଲା। ଏପରି କି ସମାଜରେ ଏକ ସଂସ୍କାର ଆସିବ ଏବଂ ଦୁର୍ନୀତିଗ୍ରସ୍ତଙ୍କ ମୁଖା ଖୋଲିଯିବ। କୌଣସି ପ୍ରକାର ଅନିୟମିତତା ଏବଂ ଦୁର୍ନୀତି କରିବାକୁ ସରକାରୀ ଅଧିକାରୀମାନେ ଆଉ ସାହାସ କରିପାରିବେ ନାହିଁ। କିନ୍ତୁ ଏହି ଆଇନର ବହୁ ସ୍ଥାନରେ ଦୁରୁପଯୋଗ ହେଉଥିବା ବେଳେ ଆଉ କେତେକ କ୍ଷେତ୍ରରେ ଆଇନରେ ରହିଥିବା ଦୁର୍ବଳ ଦିଗ ଯୋଗୁ ବହୁ ତଥ୍ୟ ମିଳିବାରେ ବିଳମ୍ବ ହେଉଛି। ଫଳରେ ଦୁର୍ନୀତି କମିବା ପରିବର୍ତ୍ତେ ତାର ନିଜସ୍ୱ ରାସ୍ତାରେ ଅଗ୍ରଗତି କରୁଛି। ଏପରିସ୍ଥଳେ ସରକାର ସୂଚନା ଅଧିକାର ଆଇନକୁ ସବଳ କରିବା ପାଇଁ ଯାଜପୁର ଜିଲା ସଚେତନ ନାଗରିକ ଓ ବୁଦ୍ଧିଜୀବୀ ସଂଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି ଯେ ଭ୍ରଷ୍ଟାଚାର, ସ୍ୱେଚ୍ଛାଚାରିତା, ପ୍ରଶାସନିକ ସ୍ଥାଣୁତା ଓ ଦୁର୍ନୀତିକୁ ରୋକିବା ପାଇଁ ଅଙ୍କୁଶ ଭଳି କାମ କରୁଥିବା ଏକମାତ୍ର ଆୟୁଦ୍ଧ ହୋଇଥିଲେ ବି ଏହା ସ୍ୱାଧୀନ ଭାବେ ନ ରହିବା ଯୋଗୁ ଅବା ଆରଟିଆଇ ଉପରେ ନିୟନ୍ତ୍ରଣ ରହୁଥିବା ହେତୁ ତାର କିଛି ସୁଫଳ ମିଳୁନାହିଁ। ଉକ୍ତ ସଂସ୍ଥାକୁ ସରକାରୀ ଶାସନାଧୀନ କରା ନ ଯାଇ ବରଂ ପ୍ରତି ସରକାରୀ ବିଭାଗର ମୁଖ୍ୟଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ତରଦାୟୀ କରାଯିବା ସହିତ ସୂଚନା ଅଧିକାର କର୍ମୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବା ମଧ ଉଚିତ ବୋଲି ପରିଷଦ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି।

### ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କୁସୁମା ପୋଖରୀକୁ ପ୍ରବେଶ ବନ୍ଦ

**ଯାଜପୁର ଟାଉନ ୩୧ା୭ (ଡି.ଏନ୍.ଏ.)**

ଯାଜପୁର କୁସୁମା ପୋଖରୀର ସୌନ୍ଦର୍ଯ୍ୟ ଅତ୍ୟନ୍ତ ଗୌରବମୟ। ଏହାର କାନ୍ତିକୁ ଆହୁରି ପରିବୃଦ୍ଧି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଶାସନ ହାତକୁ ନେଇଛି। ଏହି ଅବସରରେ ବର୍ଷା ଋତୁର ଆଗମନ ଏବଂ ଚାରା ରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ଅଗଷ୍ଟ ୧ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହା ଭିତରକୁ ଜନସାଧାରଣଙ୍କ ପ୍ରବେଶକୁ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ମର୍ମରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଏକ ପତ୍ର ମାଧ୍ୟମରେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଜନସାଧାରଣ ଏଥିରେ ସହଯୋଗ ପାଇଁ ନିର୍ବାହୀ ଅଧିକାରୀ ଜଣାଇଛନ୍ତି।

### ରୋଟାରି, ଇନରହୁଇଲ କ୍ଲବ ପକ୍ଷରୁ ଚାରାରୋପଣ

**ଧର୍ମଶାଳା,୩୧ା୭(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାରକା ନୂଆଗାଁଠାରୁ ଜାମୁବଣିଆ ପର୍ଯ୍ୟନ୍ତ ବିବେକାନନ୍ଦ ଶିକ୍ଷା ନିକେତନ ନିକଟସ୍ଥ ରାସ୍ତା ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରୋଟାରୀ କ୍ଲବ ସଭାପତି ଅଜାମ୍ବର ସାହୁ ଓ ସମ୍ପାଦକ ହରିହର ପଣ୍ଡା ଏବଂ ଇନରହୁଇଲ୍ କ୍ଲବର ସଭାନେତ୍ରୀ କଳ୍ପନା ପରିଡା ଓ ସମ୍ପାଦିକା ଲୋପାମୁଦ୍ରା ଷଣ୍ଢଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଯୋଗଦେଇ ଚାରାରୋପଣ କରିଥିଲେ। ପ୍ରଦୀପ୍ତ କୁମାର ବରାଳ, କଳାକାର ମହାନ୍ତି, ରମେଶଚନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ବିନୋଦ କୁମାର ପରିଡା, ଜୟପ୍ରକାଶ ତ୍ରିପାଠୀ, ବିପିନ ବିହାରୀ ଷଡଙ୍ଗୀ, ଅମୂଲ୍ୟ ମହାରଣା, ପ୍ରମୋଦ ସାମଲ, ପ୍ରଶାନ୍ତ କୁମାର ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ଶତପଥୀ, ବିଜୟ କୁମାର ମିଶ୍ର, ଇନ୍ଦ୍ରମଣି ନାୟକ, ଜୟନ୍ତ କୁମାର ସାହୁ, ସୁକାନ୍ତ ସ୍ୱାଇଁ, ଚକ୍ରଧର ଲେଙ୍କା, ରାଜେନ୍ଦ୍ର ପଲେଇ, ଭଗବାନ କୁଣ୍ଡୁ ମିନତି ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ, ଶୁଭଲକ୍ଷ୍ମୀ କର, ଲକ୍ଷ୍ମୀ ଖମାରୀ, ସ୍ମିତା ବେହେରା ଯୋଗଦେଇ ବଉଳ, ଆମ୍ବ ଓ ନିମ୍ବ ପ୍ରଭୃତି ଚାରା ରୋପଣ କରିଥିଲେ।



ରୋଟାରି ଓ ଇନରହୁଇଲ କ୍ଲବ ପକ୍ଷରୁ ଚାରା ରୋପଣ କରାଯାଉଛି।

## ଚିନ୍ତା ବଢ଼ାଉଛନ୍ତି ନିଖୋଜ ନାବାଳିକାବାଳକ

**ରସୁଲପୁର,୩୧ା୭(ଡି.ଏନ୍.ଏ.)**

ନାବାଳିକାବାଳକଙ୍କ ଉପରେ ବଢୁଥିବା ଅତ୍ୟାଚାର, ନିର୍ଯାତନା, ଶୋଷଣ ଆଦିକୁ ରୋକିବା ପାଇଁ ରାଜ୍ୟରେ ପରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ରାଜ୍ୟ ସରକାର ଓ ୟୁନିସେଫ୍‌ର ମିଳିତ ଉଦ୍ୟମରେ ‘ପରୀଟି ପାଇଁ କଥାଟିଏ’ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବାକୁ ପ୍ରୟାସ କରାଯାଉଛି। ଚଳିତ ବର୍ଷ ପୋଲିସ ବାହିନୀ ପକ୍ଷରୁ ଜୁଲାଇ ୩୦ରୁ ପରୀ-୩ ଯୋଜନା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୧୫ଦିନ ଧରି ରାଜ୍ୟର ସମସ୍ତ ଥାନାରେ ଆରମ୍ଭ ହେବା ନେଇ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ପୋଲିସ ସହ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶ୍ରମ ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ତାଙ୍କ ପ୍ରତିନିଧିଙ୍କୁ ନେଇ ଗଠିତ ଟିମ୍ ନିଖୋଜ ଏବଂ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ପିଲାଙ୍କୁ ଖୋଜିବ । ଏହି ଅବଧି ମଧ୍ୟରେ ପୋଲିସ ଶତପ୍ରତିଶତ ସଫଳତା ପାଇବ ବୋଲି ଆଶାପ୍ରକଟ କରୁଛି । ପୋଲିସ ପକ୍ଷରୁ ନିଖୋଜ ନାବାଳିକାବାଳକଙ୍କୁ ଖୋଜି ବାହାର କରିବା ନେଇ ରହି ଥିବା ବିଭାଗୀୟ ନିର୍ଦ୍ଦେଶ ତଳସ୍ତରର ଅଧିକାରୀଙ୍କ ପାଇଁ ଚିନ୍ତା ବଢାଇ ଦେଇଛି। ଏଥିସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଦିଗରେ ଆଇନ ପରାମର୍ଶଦାତାଙ୍କ ସହ ବିଚାର ବିମର୍ଶ କରାଯିବ ବୋଲି ମଧ କୁହାଯାଇଛି। ଚଳିତଥର ପ୍ରଥମଥର ପାଇଁ ବିଭାଗ ପକ୍ଷରୁ ଆଇନ ପରାମର୍ଶଦାତା ସହ ପରାମର୍ଶ କରିବା ଭଳି ନିଷ୍ପତ୍ତି ନିଆଯାଇଛି। ଏଥିସହ ପୋଲିସ ପାଟ୍ରୋଲିଂକୁ ମଧ ଏଥିରେ ସାମିଲ କରାଯାଇଛି । ଗତ ୨ବର୍ଷ ହେଲା ଏହି ଯୋଜନା ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ହେଲେ ଯୋଜନାର ସଫଳରୂପାୟନ ହୋଇ ନାହିଁ । ଦିନକୁ ଦିନ ଛୋଟ ପିଲାମାନଙ୍କ ଉପରେ ବଢୁଥିବା ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାରକୁ ରୋକିବାରେ ପୋଲିସ ପ୍ରଶାସନ ବିଫଳ ହୋଇଛି। ପୋଲିସର ଏହି କାର୍ଯ୍ୟକ୍ରମ କେବଳ ପ୍ରଚାର ପ୍ରସାରରେ ସମୀତ ରହିଥିବା ଭଳି ମନେହେଉଛି । ଏଦିଗରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧିନସ୍ଥ କୁଆଖିଆ ଥାନା ବି ବାଦ ପଡ଼ିନାହିଁ । ଏହି ବ୍ଲକ ଅଧିନସ୍ଥ ୨୮ଗୋଟି ପଞ୍ଚାୟତ ୪ଟି ଥାନା ଅଧିନରେ ରହିଛି। ସର୍ବାଧିକ ୧୮ଗୋଟି ପଞ୍ଚାୟତ କୁଆଖିଆ ଥାନା ଅଧିନରେ ରହିଥିବା ବେଳେ ବାକି ୧୦ଗୋଟି ପଞ୍ଚାୟତ ଯାଜପୁରରୋଡ, ଯାଜପୁର ସଦର, ଧର୍ମଶାଳା ଥାନା ଅଧିନରେ ରହିଛି। ଏସବୁ ଥାନା ମଧ୍ୟରୁ ଅଗ୍ରଣୀ ଥାନା କୁଆଖିଆ ଥାନାର ସଫଳତାକୁ ବିଚାରକୁ ନେଲେ ନାବାଳିକାବାଳକଙ୍କୁ ନେଇ ଘଟୁଥିବା ଅପରାଧିକ ମାମଲାର ସନ୍ତୋଷଜନକ ସଫଳତା ମିଳିନାହିଁ। ବିଗତ ବର୍ଷଗୁଡ଼ିକରେ ଏହି ଥାନା ଅଞ୍ଚଳରେ ସଚେତନତା ରଥ ବୁଲାଯାଇଥିଲା। ହେଲେ ଏହି ସଚେତନନତା ରଥ ବିଶେଷମାତ୍ରାରେ ପ୍ରଭାବ ପକାଇ ପାରିଲା ନାହିଁ। ଚଳିତବର୍ଷ(୭ମାସ ମଧ୍ୟରେ) ଥାନାରେ ନାବାଳିକାବାଳକ ସମ୍ପର୍କିତ ୧୪ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୬ଟିରେ ପୋଲିସକୁ ସଫଳତା ମିଳିଛି । ଏସବୁ ମାମଲାରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ କେତେକ କ୍ଷେତ୍ରରେ ନାବାଳିକାମାନେ ମାତାପିତାଙ୍କ ସହ ଯିବାକୁ ରାଜି ନ ହେବାରୁ ସେମାନଙ୍କୁ ସ୍ୱଳ୍ପ ମଆଦି ଗୃହରେ ଛାଡ଼ି ଦିଆଯାଇଛି । ସେମାନଙ୍କ ଦାୟିତ୍ୱ ଶିଶୁ ସୁରକ୍ଷା ସମିତି ଉପରେ ନ୍ୟସ୍ତ କରାଯାଇଛି। ବାକି ୮ଟି ମାମଲାରେ ପୋଲିସ ଅଭିଯୁକ୍ତଙ୍କ ଟେର ପାଉନାହିଁ। ଏହି ଯୋଜନା ଅବଧି ମଧ୍ୟରେ ନିଖୋଜ ପିଲାଙ୍କୁ ପୋଲିସ ଖୋଜି ବାହାର କରିବାର ସୂଚନା ଜନସାଧାରଣଙ୍କ ଆଶା ସଞ୍ଚାରିତ ହୋଇଛି। ବିଶେଷକରି ପ୍ରଭାବିତ ପରିବାର ପୋଲିସର ସଫଳତାକୁ ଅପେକ୍ଷା କରି ରହିଛନ୍ତି। ସେମାନଙ୍କ ନିଖୋଜ ପିଲା ଫେରି ଆସିବାର ଏହା ଶେଷ ସୁଯୋଗ ବୋଲି ସେମାନେ ମନେ କରୁଛନ୍ତି। ଏଭଳିସ୍ଥିତି ପୋଲିସର କାର୍ଯ୍ୟଦକ୍ଷତାକୁ ପରଖିବା ସହ ପରୀମାନଙ୍କୁ ଖୋଜି ବାହାର କରିବାର ବାଟି ଫିଟିବ ବୋଲି କୁହାଯାଉଛି। ତେବେ ଏ ନେଇ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ମତ କିନ୍ତୁ ଭିନ୍ନ ରହିଛି । ତାଙ୍କ ମତରେ ଥାନାରେ ରୁଜୁ ହୋଇଥିବା ନାବାଳିକାବାଳକ ଅପହରଣ ସମ୍ପର୍କିତ ମାମଲାରୁ ଅଧିକାଂଶ ପ୍ରେମ ଜନିତ। ଯାହାକି ପରୀ ଯୋଜନା ପରିସରଭୁକ୍ତ ନୁହେଁ। ତଥାପି ପୋଲିସ ଏସବୁ ମାମଲାକୁ ଗୁରୁତର ସହ ଗ୍ରହଣ କରୁଛି। ପ୍ରେମ ଜନିତ ହେଲେ ବି ଉପଯୁକ୍ତ ବୟସ ସୀମା ପୂର୍ବରୁ ଏଭଳି କାର୍ଯ୍ୟ ଆଇନ ଆଖିରେ ଭୁଲ ବୋଲି ସ୍ୱାଇଁ ମତପ୍ରକାଶ କରିଛନ୍ତି।

**ପରୀ-୩ ଯୋଜନା**

## ସଂକ୍ଷେପରେ

### ମହାକାଳପଡ଼ା ଜଙ୍ଗଲ ଜମି ପାଇଁ ପିଆଇଏଲ ମାମଲା
## ତୁରନ୍ତ ବିଚାର ପାଇଁ ଜିଲାପାଳଙ୍କୁ ଆବେଦନ

**କେନ୍ଦ୍ରାପଡା ଅଫିସ, ୩୧।୭:** ମହାକାଳପଡା ବ୍ଲକ ଖରିନାସୀ, ବଟିଘର, ରାମନଗର ଓ ଜମ୍ବୁ ଅଞ୍ଚଳର ଜଙ୍ଗଲ ଜମିରେ ବହୁ ଶରଣାର୍ଥୀ ରହୁଛନ୍ତି। ସେମାନଙ୍କୁ ରହିବା ପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିଥିବା ବେଳେ ଜଙ୍ଗଲ ଜମି ହେତୁ ସ୍ଥାୟୀ ପଟ୍ଟା ମିଳି ପାରୁନାହିଁ। ଫଳରେ ଜାତି, ସ୍ଥାନ ଆଦି ପ୍ରମାଣ ପତ୍ର ମିଳୁ ନଥିବାରୁ ସେମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏପରି ଅଭିଯୋଗ ଆଣି ସାମାଜିକ କର୍ମୀ ପଦ୍ମନାଭ ଚୌଧୁରୀ, ସମିର ମିସ୍ତ୍ରି ଓ ଅର୍ଜୁନ ମଣ୍ଡଳ ହାଇକୋର୍ଟରେ ନ୍ୟାୟ ପାଇଁ ପିଆଇଏଲ୍ ଦାଖଲ କରିଥିଲେ। ଗତ ୨୬ ତାରିଖରେ ଏ ନେଇ ରାୟ ପ୍ରକାଶ ପାଇବା ସହ ୪ ସପ୍ତାହ ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲା ଅଥବା ଅନ୍ୟ ଜିଲାରେ ସ୍ଥାୟୀ ଘର ପାଇଁ ଜମି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଅଭିଯୋଗକାରୀ ସମୀର ବୁଧବାର ଜିଲାପାଳଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରିଛନ୍ତି।

## ଚାରା ଉତ୍ପାଦନ କେନ୍ଦ୍ରର ଶ୍ରମିକଙ୍କ ମୃତ୍ୟୁ

**ରାଜନଗର, ୩୧।୭(ଡି.ଏନ.ଏ.):** ରାଜନଗର ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ଥିବା ସଂସାରଫଳସ୍ଥିତ କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ରରେ ଶ୍ରମିକ ଭାବେ କାମ କରୁଥିବା ହୃଷିକେଶ ମଲିକ (୫୫)ଙ୍କ ବୁଧବାର ପରଲୋକ ଘଟିଛି। ସେ ସବୁଦିନ ପରି ଆଜି ଚାରା ଉତ୍ପାଦନ କେନ୍ଦ୍ରରେ ସକାଳୁ କାମ କରୁଥିଲେ। ମଧ୍ୟାହ୍ନରେ ହଠାତ୍ ସେ ଅଚେତ ହୋଇ ପଡିଥିଲେ। ବନବିଭାଗ କର୍ମଚାରୀ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ ହୃଷିକେଶଙ୍କ ପରିବାରକୁ ରାଜନଗର ଏସିଏଫ ଅମରେଶନାଥ ପ୍ରଧାନ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ହୃଷିକେଶ ଦୀର୍ଘ ଚାରିବର୍ଷ ଧରି ଏହି ଚାରା ଉତ୍ପାଦନ କେନ୍ଦ୍ରରେ ଦିନ ମଜୁରିଆ ଭାବେ କାମ କରୁଥିଲେ।

## ମୋଟର ସାଇକେଲ ଚୋରି ଘଟଣା: ଆଉ ଜଣେ କୋର୍ଟ ଚାଲାଣ

**ରାଜନଗର, ୩୧।୭ (ଡି.ଏନ.ଏ.):** ରାଜନଗର ବ୍ଲକ ଓ ବିଭିନ୍ନ ସ୍ଥାନରୁ ମୋଟର ସାଇକେଲ ଚୋରି ଘଟଣାରେ ସଂପୃକ୍ତ ଥିବା ଆଉ ଜଣେ ବ୍ୟକ୍ତିଙ୍କୁ ରାଜନଗର ପୋଲିସ ଗିରଫ କରି ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ରାଜନଗର ଥାନା ଅନ୍ତର୍ଗତ ରାଜନଗର ଗାଁର ତ୍ରିଲୋଚନ ସାମନ୍ତରାୟ। ଏହି ଗାଡି ଚୋରି ଘଟଣାରେ ସଂପୃକ୍ତ ରାଜନଗର ଥାନା ସାନବଡଗୋପାଳପୁର ଗ୍ରାମପଞ୍ଚାୟତ ବଡଓଲରା ଗାଁର ଅନ୍ୟ ଜଣେ ଯୁବକ ଫେରାର ଅଛନ୍ତି । ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୩୦ ତାରିଖରେ ପୋଲିସ ସାନବଡଗୋପାଳପୁର ଓ କୁଶାଇଲୋ ଗାଁରେ ଚଢାଉ କରି ୩ଟି ଚୋରା ମୋଟରସାଇକେଲ ଜବତ କରିଥିଲା। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ରାଜନଗର ଗାଁର ତ୍ରିଲୋଚନ ସାମନ୍ତରାୟ ଗାଡି ଚୋରିକରି ଆଣି ବିକିବାକୁ ଦେଇଥିଲେ ବୋଲି ଗିରଫ ଯୁବକମାନେ ପୋଲିସ ନିକଟରେ ପ୍ରକାଶ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ଡେରାବିଶ, ୩୧।୭ (ସ୍ୱ.ପ୍ର.)- ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅଧୀନ ଅର୍ଗାମୂଳ ଗ୍ରାମର ଅଗ୍ନିବିପନ୍ନ ବିଧବା ତରଙ୍ଗିଣୀ ମଲିକଙ୍କୁ ବୁଧବାର ସାମାଜିକ କର୍ମୀ ପ୍ରାଧାପକ ଅଜୟ ରାଉତ ସହାୟତା ପ୍ରଦାନ କରିଛନ୍ତି। ଆଜି ଅପରାହ୍ନରେ ପ୍ରାଧାପକ ରାଉତ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ପାଲ, ପିନ୍ଧା ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ତରଙ୍ଗିନୀଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା।

# ଡେରାବିଶ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

**ଡେରାବିଶ, ୩୧।୭ (ସ୍ୱ.ପ୍ର.)**

ଡେରାବିଶ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ବୈଠକରେ ଅଧକ୍ଷତା କରିଥିଲେ। ବିଡିଓ ଗୋପବନ୍ଧୁ ଭୋସାଗର ସ୍ୱତନ୍ତ୍ର ବୈଠକ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଗାମୀ ଦୁଇ ବର୍ଷ ମଧ୍ୟରେ ଜିଲାର ସମସ୍ତ କଚ୍ଚାଘର ଭଙ୍ଗାଯାଇ କୋଠା ଘର ନିର୍ମାଣ କରାଯିବ। ଏହି ଯୋଜନାରେ ପ୍ରକୃତ ଓ ଯୋଗ୍ୟ ହିତାଧିକାରୀ ଚୟନ ସହିତ ଏହାର ଠିକ କାର୍ଯ୍ୟକାରିତା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏପରିକି ପୂର୍ବରୁ ଏହି ଯେଜାନାରେ ସାମିଲ ହୋଇ ସରକାରୀ ଅର୍ଥ ନେଇ ମଧ୍ୟ ଘର ପୁର୍ଣ୍ଣାଙ୍ଗ କରି ନପାରି କଚ୍ଚା ଘରେ ରହୁଥିବା ହିତାଧିକାରୀମାନଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଇ ପକ୍କାଘର ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯିବ ବୋଲି ବିଡିଓ ବୈଠକରେ



ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ଓ ଅନ୍ୟମାନେ।

ସୂଚନା ଦେଇଥିଲେ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଗ୍ରାମସଭା କରି ଏହାର ଅନୁମୋଦନ କ୍ରମେ ଏକ କମିଟି ଗଠନ ପାଇଁ ସମସ୍ତ ପ୍ରତିନିଧିମାନଙ୍କୁ ନିବେଦନ କରିଥିଲେ। ଏହି କମିଟି ପରିମଳ ବ୍ୟବସ୍ଥା ସୁଦୃଢ଼ କରିବା ସହିତ ସମସ୍ତ ଘରକୁ ପାନୀୟ ଜଳ ବ୍ୟବସ୍ଥା କରିବେ ବୋଲି ବିଡିଓ ସୂଚନା ଦେଇଥିଲେ। ତେବେ ଛୋଟି ପଞ୍ଚାୟତ ଅଧୀନ ଛୋଟି ଗ୍ରାମର କଲ୍ୟାଣୀ ରାୟଙ୍କୁ ମୃତ ଘୋଷଣା କରିବା ବ୍ଲକ ପ୍ରଶାସନ ତାଙ୍କୁ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେଉନଥିବା ସ୍ଥାନୀୟ ସରପଞ୍ଚ କୁମାରଚନ୍ଦ୍ର ବଳ ଅଭିଯୋଗ କରିଥିଲେ। ଏ ନେଇ ସେ ବହୁବାର ଅଭିଯୋଗ କରିଛନ୍ତି। ହେଲେ ବ୍ଲକ ପ୍ରଶାସନ ତାଙ୍କ କଥାକୁ ବେଖାତିର କରି ଆସୁଥିବା ନେଇ ସେ କ୍ଷୋଭ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ବିଭିନ୍ନ ଯୋଜନାରେ ବ୍ଲକ ପ୍ରଶାସନର କେତେକ ଅଧିକାରୀ ଲାଞ୍ଚ କାରବାର କରୁଥିବା ସମିତିସଭ୍ୟ ରଘୁନାଥ ଶତପଥୀ ଅଭିଯୋଗ କରିଥିଲେ। ବୈଠକରେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ନାୟକ, ଜିଲାପରିଷଦ ସଭ୍ୟା ଜବା ମୁର୍ମୁ, ପୂର୍ଣ୍ଣିମା ମଲ୍ଲ ଓ ମନୋରମା ସାହୁଙ୍କ ସମେତ ଏବିଡିଓ ଭଞ୍ଜକିଶୋର ନାୟକ, ପିଇଓ ଦାମୋଦର ଜେନା, ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ନନ୍ଦିନୀ ଶତପଥୀ, ବ୍ଲକ ପିଏ ନିର୍ମଳ କୁମାର ରାଉତ ଓ ବିପିଏମ୍ ବୈଜୟନ୍ତୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଶୁଦ୍ଧଦେବ ବେହେରା, ପୂର୍ଣ୍ଣାନନ୍ଦ ବେହେରା, ଚନ୍ଦ୍ରକାନ୍ତ ପ୍ରଧାନ, ଉମାକାନ୍ତ ନାୟକ, ଅମୃତରାଜ ବେହେରା, ପ୍ରଭାତ କୁମାର ମଲିକ, ସମିତିସଭ୍ୟା ନିରୁପମା ବେହେରା, ସମିତିସଭ୍ୟ ମଧୁସୁଧନ ଘଡେଇ, ଶ୍ରୀମନ୍ତ ରାଉତରାୟ ଓ ମୁକୁନ୍ ନାୟକ ପ୍ରମୁଖ ସ୍ୱତନ୍ତ୍ର ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ କର୍ମଚାରୀମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ବିଧାୟକଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା



ବିଧାୟକ ଅତନୁ ସବ୍ୟସାଚୀ ନାୟକ ବ୍ଲକ କାର୍ଯ୍ୟାଳୟରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**ମହାକାଳପଡ଼ା, ୩୧।୭ (ଡି.ଏନ୍.ଏ.)**

ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ବୁଧବାର ଜମ୍ବୁ ଓ ସୁନୀତି ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉଭୟ ପଞ୍ଚାୟତର ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ନାୟକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଓ ଶୌଚାଳୟ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ପାନୀୟଜଳ ଯୋଗାଣ, ଗ୍ରାମ୍ୟ ରାସ୍ତା ନିର୍ମାଣ ଓ କାଳିଆ ଯୋଜନା ଆଦି ସମ୍ପର୍କରେ ବିଡିଓ ରମେଶଚନ୍ଦ୍ର ସେଠୀଙ୍କଠାରୁ ପଚାରି ବୁଝିଥିଲେ।

ଏହାପରେ ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ମସୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜମ୍ବୁ ଓ ସୁନୀତି ପଞ୍ଚାୟତ ସରପଞ୍ଚଙ୍କ ସମେତ ତହସିଲଦାର ସେଠୀ, ସହକାରୀ ଯନ୍ତ୍ରୀ ମୁରଲୀଧର ଦାସ, ଏସିଓ ସଂଗ୍ରାମ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ଓଜେଇଇରେ କୃତିତ୍ୱ ପାଇଁ ଅରଜିତଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ର ଅରିଜିତ୍ ରାଉତଙ୍କୁ ଜିଲାପାଳ ସମର୍ଥ ବର୍ମା ସମ୍ବର୍ଦ୍ଧିତ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ, ୩୧।୭**

ଚଳିତବର୍ଷ ଓଜେଇଇରେ ଦ୍ୱିତୀୟ ସ୍ଥାନ ଓ ମେକାନିକାଲ ଇଞ୍ଜିନିଅରିଂରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାଜକନିକା ବ୍ଲକ ପାରି ନୂଆପଡ଼ା ଗ୍ରାମର ଅରଜିତ ରାଉତଙ୍କୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ତାଙ୍କର ପାଠପଢ଼ା ପାଇଁ ନାମଲେଖା ଫିସ୍ ଓ ବର୍ଷକ ଦେୟକୁ ଜିଲା ପ୍ରଶାସନ ପକ୍ଷରୁ ଭରଣା କରାଯାଇଛି। ଏଥିପାଇଁ ସନ୍ଧ୍ୟାରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଠାରେ ଜିଲାପାଳ ବର୍ମା କୃତୀ ଛାତ୍ର ଅରିଜିତଙ୍କ ସମ୍ପର୍କରେ କହିଥିଲେ ଯେ, ଶିକ୍ଷା କ୍ଷେତ୍ରରେ ଆର୍ଥିକ ପ୍ରତିବନ୍ଧକ ରହିବା ଉଚିତ୍ ନୁହେଁ। ସଭାକୁ ସହକାରୀ ଜିଲାପାଳ ସମ୍ବିତ ଶତପଥୀ ପରିଚାଳନା କରିଥିଲେ। ଏ ସମ୍ପର୍କରେ କୃତୀ ଛାତ୍ର ରାଉତ କହିଛନ୍ତି ଯେ, ବାପା ଅଜୟ ରାଉତ ପାଣି ପାଇପ ମିସ୍ତ୍ରି କାର୍ଯ୍ୟ କରୁଥିବା ବେଳେ ମାଆ ରେଣୁପ୍ରଭା ଗୃହିଣୀ। ଘରର ଆର୍ଥିକ ସ୍ଥିତି ବହୁତ ଦୁର୍ବଳ। ତେବେ ଇଞ୍ଜିନିଅରିଂ ପଢ଼ିବା ପାଇଁ ସର୍ବଦା ମା'ବାପା ପ୍ରେରଣା ଯୋଗାଇ ଥିବାବେଳେ ଭାରିଗଦା ସ୍କୁଲର ଶିକ୍ଷକମାନେ ପ୍ରୋତ୍ସାହିତ କରିଥିଲେ। ସେ ଛତାସ୍ଥିତ ପଲିଟେକ୍ନିକ କଲେଜରେ ଡିପ୍ଲୋମା କରିଛନ୍ତି। ଆଗାମୀ ଦିନରେ ଜଣେ ବୈଜ୍ଞାନିକ ହେବା ପାଇଁ ତାଙ୍କର ସ୍ୱପ୍ନ ଥିବା ଅରିଜିତ କହିଛନ୍ତି।

## ଶିକ୍ଷକଙ୍କ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

**ରାଜନଗର, ୩୧।୭(ଡି.ଏନ.ଏ.)**

ରାଜନଗର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ବୁଧବାର ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ ଶିକ୍ଷକମାନଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଶିକ୍ଷାଧିକାରୀ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଏ ନେଇ ସଂଘର ସଭାପତି ଦାମୋଦର ସ୍ୱାଇଁ ଓ ସାଧାରଣ ସଂପାଦକ ଦୟାନିଧି ସ୍ୱାଇଁ, ଶିକ୍ଷକନେତା କଳାକାର ସାହୁ, ବିଜୟ କୁମାର ଜେନା, ଚିତ୍ତ ରଞ୍ଜନ ବେହେରା, ଚିତ୍ତରଞ୍ଜନ ସାହୁ, ସୁଶାନ୍ତ ପ୍ରଧାନ, ନିରଞ୍ଜନ ଜେନା ପ୍ରମୁଖ ୭ଦିନ ମଧ୍ୟରେ ସମସ୍ୟାର ସମାଧନ ଦିଗରେ ବ୍ଲକ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନ କଲେ ସଂଘ ପକ୍ଷରୁ ଆସନ୍ତା ୭ ତାରିଖ ଦିନ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ସୂଚନା ଅଧିକାର ଆଇନ ସଂଶୋଧନର ପ୍ରତିବାଦ

**କେନ୍ଦ୍ରାପଡା ଅଫିସ, ୩୧।୭**

କେନ୍ଦ୍ର ସରକାରଙ୍କ ସୂଚନା ଆଇନ ଅଧିକାର ସଂଶୋଧନ ପ୍ରସ୍ତାବକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ସଦସ୍ୟମାନେ ପ୍ରତିବାଦ ଜଣାଇଛନ୍ତି। ସେମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିବା ସହିତ କେନ୍ଦ୍ର ସରକାରଙ୍କ ଏହି ବିଲକୁ ବନ୍ଦ କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲା ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ଏହି ସଂଶୋଧିତ ପ୍ରସ୍ତାବ ଶୁକ୍ରବାର ଲୋକ ସଭାରେ ଆଗତ ହେବ। ଏହି ବିଲ ପାସ ହୋଇଗଲେ




ଜିଲାପାଳଙ୍କ ଅଫିସ୍ ଆଗରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ସଦସ୍ୟଙ୍କ ବିକ୍ଷୋଭ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁ ତଥ୍ୟ ଗୋପନୀୟ ହୋଇଯିବ, ଯାହାଫଳରେ ଦୁର୍ନୀତି ବଢ଼ିବ। ସୂଚନା ଅଧିକାର ଆଇନ ବଳରେ ବହୁ ଦୁର୍ନୀତି ଲୋକଲୋଚନକୁ ଆସୁଥିବାରୁ ଏହାକୁ ବନ୍ଦ ପାଇଁ କେନ୍ଦ୍ର ସରକାର ଏପରି ନିଷ୍ପତ୍ତି ନେଉଛନ୍ତି। ଏହାର ପ୍ରତିବାଦ ସଭାରେ ଉଦୟନାଥ ଚୌଧୁରୀ, ନଗେନ୍ଦ୍ରନାଥ ଜେନା, ପ୍ରତାପରଞ୍ଜନ ତ୍ରିପାଠୀ, ଆଦିକନ୍ଦ ରାଉଳ, ଶୁଭେନ୍ଦୁ ପ୍ରକାଶ ରାୟଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଥିଲେ।

## ନିରଞ୍ଜନ ରଥଙ୍କ ବିୟୋଗରେ ଶୋକସଭା

**ମାର୍ଶାଘାଇ,୩୧।୭(ଡିଏନଏ)**

ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ରଥଙ୍କ ବିୟୋଗରେ ମାର୍ଶାଘାଇ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ବୁଧବାର ସ୍ଥାନୀୟ ଗୋପବନ୍ଧୁ କ୍ଲବ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଭାଗବତ ସାହୁ ସଭାପତିତ୍ୱ କରିଥିଲେ । ଶୋକସଭାରେ ଉପ ସଭାପତି ଅକ୍ଷୟ କୁମାର ଜେନା,ସଂପାଦକ ଚନ୍ଦ୍ରମଣି ସାହୁ, କୋଷାଧକ୍ଷ ହୃଷୀକେଶ ଲେଙ୍କା, ପର୍ଶୁରାମ ନାୟକ, ସଦସ୍ୟ ସୁନାକର ସ୍ୱାଇଁ, ଅନ୍ତର୍ଯ୍ୟାମୀ ପ୍ରଧାନ,ବିପିନ ବିହାରୀ ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ନିରଞ୍ଜନ ନାୟକ, ଦେବେନ୍ଦ୍ର ମହାନ୍ତି, ନିରଞ୍ଜନ ବସନ୍ତିଆ କୃପାସିନ୍ଧୁ କାନୁନଗୋ, ସୁକାନ୍ତ କୁମାର ନାୟକ ଏବଂ ବିଷ୍ଣୁଚରଣ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ରଥଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ■ ଦାଦନ ଖଟିବାକୁ ଯାଇ ପୁଅ ନ ଫେରିବା ଘଟଣା
## ୬ ମାସ ପରେ ଫେରିଲେ ନିତାଇ

**ମହାକାଳପଡ଼ା, ୩୧।୭ (ଡି.ଏନ୍.ଏ.)**

ଜମ୍ବୁମେରାଇନ ଥାନା ଅଧୀନ ଜମ୍ବୁ ଗ୍ରାମର ସୁଷମା ମଣ୍ଡଳଙ୍କ ପୁଅ ନିତାଇ(୩୦) ୬ ମାସ ବୁଧବାର ଘରକୁ ଫେରିଛନ୍ତି। ପୁଅକୁ ଦୀର୍ଘଦିନ ପରେ ପାଖରେ ପାଇ ସୁଷମା ଖୁସିବ୍ୟକ୍ତ କରିଛନ୍ତି। ପ୍ରାୟ ୬ ମାସ ତଳେ ନିତାଇ ଦାଦନ ଖଟିବାକୁ ବାଙ୍ଗାଲୁରୁ ଯାଇଥିଲେ। ହେଲେ ସେଠାରେ ଠିକାଦାର ଜଣଙ୍କ ତାଙ୍କୁ ପାରିଶ୍ରମିକ ନ ଦେଇ ନିର୍ଯାତନା ଦେଉଥିବା ନେଇ ଗତ ରବିବାର ସୁଷମା ଜମ୍ବୁ ମେରାଇନ୍ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମାଙ୍କ ଉଦ୍ୟମରେ ବୁଧବାର ନିତାଇ ନିଜ ଘରକୁ ଫେରିଛନ୍ତି।

ଏ ସମ୍ପର୍କରେ ନିତାଇ କହିଛନ୍ତି, ରାଜନଗରର ଅବିନାଶ ମଲ୍ଲିକ ତାଙ୍କ ସମେତ ଗ୍ରାମର ଅନ୍ୟ ୬ଜଣଙ୍କୁ କାମ ଯୋଗାଇଦେବାକୁ କହି ବାଙ୍ଗାଲୁରୁ ନେଇଥିଲେ। ସେଠାରେ ଏକ



ମା'ଙ୍କ ସହ ନିତାଇ।

କମ୍ପାନୀରେ କାମରେ ଲଗାଇଥିଲେ। ମାତ୍ର ସେ ବାବଦ ଦରମା ନ ଦେଇ ଠିକାଦାର ଜଣକ ସେମାନଙ୍କୁ ନିର୍ଯାତନା ଦେଉଥିଲେ ବୋଲି ନିତାଇ କହିଛନ୍ତି। ଏଥିସହ ସେ କହିଛନ୍ତି, ଗଣମାଧ୍ୟମରେ ତାଙ୍କ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଠିକାଦାର ଜଣକ ତାଙ୍କୁ ଆଣି ଟ୍ରେନରେ ବସାଇ ଦେଇଥିଲେ।

## ପଟ୍ଟାମୁଣ୍ଡାଇରେ ଖୋଲିବ ଅତିରିକ୍ତ ଜିଲା ଓ ଦୌରା ଜଜ୍ କୋର୍ଟ

**ରାଜନଗର, ୩୧।୭(ଡି.ଏନ.ଏ.)**

ରାଜନଗର ନିର୍ବାଚନମଣ୍ଡଳୀର ପଟ୍ଟାମୁଣ୍ଡାଇଠାରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ କୋର୍ଟ ପ୍ରତିଷ୍ଠା ହେବ। ମଙ୍ଗଳବାର ବିଧାନସଭାରେ ଏ ନେଇ ଆଇନ ମନ୍ତ୍ରୀ ପ୍ରତାପ ଜେନା ଘୋଷଣା କରିଛନ୍ତି । ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ଜେନା ଏହି ସୂଚନା ଦେଇଛନ୍ତି। ଏହି ଖବର ଜଣାପଡିବା ପରେ ରାଜନଗର ନିର୍ବାଚନମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି। ରାଜନଗର ବିଧାୟକ ସାହୁ ପଟ୍ଟାମୁଣ୍ଡାଇ ଠାରେ ଅତିରିକ୍ତ ଜିଲା ଜଜ୍‌କୋର୍ଟ ସ୍ଥାପନ ନେଇ ମଙ୍ଗଳବାର ବିଧାନସଭାରେ ପ୍ରଶ୍ନ କରିଥିଲେ। ଆଇନମନ୍ତ୍ରୀ ଜେନା କହିଥିଲେ ଯେ, ଉଚ୍ଚସ୍ତରୀୟ ବୈଠକରେ ପଟ୍ଟାମୁଣ୍ଡାଇ ଠାରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ନୀତିଗତ ନିଷ୍ପତ୍ତି ହୋଇଛି। ଉକ୍ତ କୋର୍ଟ ପାଇଁ ଆବଶ୍ୟକ ପଦ ପଦବୀ ସୃଷ୍ଟି କରିବା ପରେ ସରକାର ଏହି କୋର୍ଟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ। ସେହିପରି ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ରାଜନଗରରେ ସିଭିଲ ଜଜ୍ (ଜୁନିୟର ଡିଭିଜନ) କମ୍ ଜେଏମଏଫସି କୋର୍ଟ ସ୍ଥାପନ କରାଯାଇନାହିଁ। ରାଜନଗରରେ ଗ୍ରାମ୍ୟ ନ୍ୟାୟାଳୟ ରହିଛି। ଗ୍ରାମ୍ୟ ନ୍ୟାୟାଳୟକୁ ସରକାର ଜେଏମଏଫସି କ୍ଷମତା ପ୍ରଦାନ କରିଛନ୍ତି । ଏହି ନ୍ୟାୟାଳୟର ନିଜସ୍ୱ ଗୃହ ନିର୍ମାଣ ନେଇ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି। ଏହି ଖବର ଜଣାପଡିବା ପରେ ବୁଦ୍ଧିଜୀବୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଓ ରାଜନଗର ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଯୁକେ ମହାବୀର କଲେଜରେ ପ୍ରବେଶ ଉତ୍ସବ



କଲେଜ ପରିସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

**ପଟ୍ଟାମୁଣ୍ଡାଇ, ୩୧।୭ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ଯୁକେ ମହାବୀର କଲେଜରେ ସୋମବାର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କଲେଜ ଅଧକ୍ଷ ଉମେଶ ଚନ୍ଦ୍ର ପରିଡା ଅଧକ୍ଷତା କରିଥିଲେ । ଅଧ୍ୟାପକ ସବ୍ୟସାଚୀ ତ୍ରିପାଠୀଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ ବରିଷ୍ଠ ଛାତ୍ରୀଛାତ୍ରମାନେ ଯୋଗଦେଇ ଯୁକ୍ତ ୨ ଛାତ୍ରୀଛାତ୍ରମାନଙ୍କୁ ଚନ୍ଦନ ତିଳକ ଲଗାଇ ଓ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ । ଅଧ୍ୟାପକ ଦିଲୀପ ମହାପାତ୍ର ,ଶୁଭକାନ୍ତ ନାୟକ, ନଳିନୀକାନ୍ତ ପରିଡା, ଇନ୍ଦୁଭୂଷଣ ଖଣ୍ଡାୟୀ, ଭୀମସେନ ସ୍ୱାଇଁ, ଅରବିନ୍ଦ ବେହେରା, ସୁଧୀର ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ଯୁକ୍ତ ୩ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ଚରଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ବିପଦସଙ୍କୁଳ ଅବସ୍ଥାରେ ସ୍କୁଲଗୃହ

**ରାଜକନିକା, ୩୧।୭ (ଡି.ଏନ୍.ଏ.)**

**ଓଳାଭର ନୋଡାଲ ଉଚ୍ଚ ବିଦ୍ୟାଳୟ**

- ■ଅଫିସ୍ ଛାତରୁ ପାଣି ଗଳୁଛି
- ■ ରୋଷେଇ ଘର ଛାତରୁ ଖସୁଛି ପଲସ୍ତରା
- ■ପାଚିକା, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ
- ■ଅଭିଭାବକ ମହଲରେ ବଢ଼ୁଛି ଅସନ୍ତୋଷ

ସ୍କୁଲରେ ପିଲାଙ୍କ ପାଠପଢ଼ା ଓ ଉନ୍ନୟନ କାର୍ଯ୍ୟ ପାଇଁ ବହୁ ଅନୁଦାନ ଖର୍ଚ୍ଚ ହେଉଛି। ହେଲେ କେତେକ ସ୍କୁଲର ଭିତ୍ତିଭୂମି ସୁଧୁରୁନି। କେଉଁଠି ଅସୁରକ୍ଷିତ ଗୃହରେ ବସି ପିଲା ପାଠ ପଢୁଛନ୍ତି ତ ଆଉ କେଉଁଠି ବିପଦସଙ୍କୁଳ ଗୃହରେ ରୋଷେଇ ହେଉଛି। ରାଜକନିକା ବ୍ଲକ ଅଧୀନ ଓଳାଭର ନୋଡାଲ ହାଇସ୍କୁଲରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ରୋଷେଇ ଘର ଛାତରୁ ଖଣ୍ଡ ଖଣ୍ଡ ପ୍ଲାଷ୍ଟର ଖସୁଥିବା ବେଳେ ପାଚିକା ସେହି ଗୃହରେ ରୋଷେଇ କରୁଛନ୍ତି। ଏଥିସହ ସେହି ଗୃହରେ ଛାତ୍ରୀଛାତ୍ରମାନେ ବସି ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ତେବେ କେଉଁ ସମୟରେ ଯେ ଅଘଟଣ ନ ଘଟିବ ସେ ନେଇ କହିବା ସମ୍ଭବ ନୁହେଁ। ସେହିପରି ସ୍କୁଲର ଅଫିସ୍ ଗୃହ ମଧ୍ୟ ସମାନ ଅବସ୍ଥାରେ ରହିଛି। ଛାତରୁ ପ୍ଲାଷ୍ଟର ଖସିବା ସହ ବର୍ଷା ଦିନେ ପାଣି ଗଳୁଛି। ଛାତ ଭୁଶୁଡ଼ି ପଡ଼ିବା ଭୟରେ ଶିକ୍ଷୟିତ୍ରୀଶିକ୍ଷକମାନେ ଅଫିସ୍ ଗୃହରେ ବସୁନାହାନ୍ତି।

୧୯୬୩ ରେ ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ନିର୍ମିତ ଏହି ସ୍କୁଲଗୃହର ମରାମତି କରାଯାଉ ନାହିଁ। ଫଳରେ ଛାତରୁ ପ୍ଲାଷ୍ଟର ଖସି ରଡ୍ ଦେଖାଯିବା ସହ ପାଣି ଗଳୁଛି। ଗୃହ ମରାମତି ଲାଗି ବିଡିଓ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ପୂର୍ବତନ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲେ ବି ଏ ଦିଗରେ ଦୃଷ୍ଟି ଦିଆଯାଇ ନଥିବା



ସ୍କୁଲ ଛାତରୁ ପ୍ଲାଷ୍ଟର ଖସି ଯାଇଛି।

ଗ୍ରାମବାସୀ କହିଛନ୍ତି। ସ୍କୁଲରେ ପାଖାପାଖି ୫୦୦ ପିଲା ପାଠ ପଢୁଛନ୍ତି। ହେଲେ ସେମାନଙ୍କ ସୁରକ୍ଷା ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲ ଗୃହ ନିର୍ମାଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ବି ଏ ଦିଗରେ ଦୃଷ୍ଟି ଦେଇ ନଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ରାଜକନିକା ବିଡିଓ ଡି.ଏସ୍. ଶୁଭଦର୍ଶନୀ ଯୋଶୀଙ୍କୁ ପଚାରିବାରେ ତୁରନ୍ତ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଗୃହ ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧/୨୦୧୯ Bhubaneswar, Thursday, August 1/ 2019

## ସଂକ୍ଷେପରେ

### ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

**ତିର୍ତ୍ତୋଲ,୩୧।୭(ଡି.ଏନ.ଏ.):** ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ କ୍ୟାପଟେନ ଜ୍ଞାନଜ କୁମାର ସାମନ୍ତରାୟ ଅଧକ୍ଷତା କରିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରୀ ଓ ଅଭିଭାବକଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିଥି ରସାୟନ ବିଭାଗର ପ୍ରଫେସର ଡ. କ୍ଷୀରୋଦ କୁମାର ଓଝା, ବାଣିଜ୍ୟ ବିଭାଗର କୁଳମଣୀ ରାଉତ, ଉଦ୍ଭିଦ ବିଭାଗର ପ୍ରଫେସର ରଞ୍ଜନ କୁମାର ଦାସ, ମହାବିଦ୍ୟାଳୟ ପ୍ରଶାସନିକ କାର୍ଯ୍ୟନିବାହୀ ପ୍ରଫେସର ମୁଜାକିର ହୁସେନ ଖାନ, ଇତିହାସ ବିଭାଗ ପ୍ରଫେସର ତ୍ରିଲୋଚନ ଖଟୁଆ, ଅର୍ଥନୀତି ବିଭାଗର ପ୍ରଫେସର ହିମାଂଶୁ ଶେଖର ଆଚାର୍ଯ୍ୟ, ଓଡିଆ ବିଭାଗ ଅଧାପକ ଡ. ସୁରଞ୍ଜନ ଲେଙ୍କା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଛାତ୍ର ଜୀବନ ଓ ଅଧୟନ ସମ୍ପର୍କରେ ଅବଗତ କରାଇଥିଲେ। ଓଡ଼ିଆ ବିଭାଗ ଅଧାପକ ଡ. ଅଶୋକ ରାଉତ ମହାବିଦ୍ୟାଳୟର ସମସ୍ତ ସୁବିଧା ସୁଯୋଗ ଓ ପରିବେଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରୀକ୍ଷାଗାର ପ୍ରଶିକ୍ଷକ ସନାତନ ଲେଙ୍କା ଧନ୍ୟବାଦ ଦେଇଥିଲେ।

### ମାଙ୍କଡ କାମୁଡ଼ାରେ ୧୦ ଆହତ

**ବାଙ୍କୀ,୩୧।୭(ସ୍ୱ.ପ୍ର./ବି.ପ୍ର):** ବାଙ୍କୀ ଏନ୍ଏସି ଓ ଆଖପାଖ ଗ୍ରାମରେ ଦିନକୁ ଦିନ ମାଙ୍କଡଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ମାଙ୍କଡ଼ କାମୁଡାରେ ଏନ୍ଏସି ଅନ୍ତର୍ଗତ ମନ୍ତ୍ରୀ ସାହି ଗ୍ରାମର ଜ୍ୟୋତିର୍ମୟୀ ମନ୍ତ୍ରୀ, ସାବିତ୍ରୀ ମନ୍ତ୍ରୀ ଓ ରାଧାଶ୍ୟାମ ମନ୍ତ୍ରୀଙ୍କ ସମେତ ଯୋଡ଼କୂଳ, ବିରିପଡ଼ା, ତାଳବସ୍ତ ଓ କୃଷ୍ଣ ପଲ୍ଲୀ ଅଞ୍ଚଳର ପ୍ରାୟ ୧୦ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସମସ୍ତଙ୍କୁ ବାଙ୍କୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ସେହିପରି ପୂର୍ବରୁ ହରିରାଜପୁର ପଞ୍ଚାୟତ ଅନ୍ତର୍ଗତ ଜୋରକୁଳ ଗ୍ରାମର ଜଣେ ବୃଦ୍ଧା ମାଙ୍କଡ କାମୁଡ଼ାରେ ଗୁରୁତର ହୋଇ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି। ସେ ହେଲେ ଜୋରକୁଳ ଗ୍ରାମର ଗୋକୁଳ ରାଉତଙ୍କ ସ୍ତ୍ରୀ ମିନିକା ରାଉତ(୭୨)।

## ■ ଚଣ୍ଡିଖୋଲ ଭୂତଳ ତୈଳ ଭଣ୍ଡାର ପ୍ରସଙ୍ଗ

# ଦୂର ହେଲା ରାଜସ୍ୱ କ୍ଷତି ଆଶଙ୍କା

**ଯାଜପୁର ଅଫିସ,୩୧।୭**



■ଡଙ୍କାରୀ ପାହାଡ଼ର ମାତ୍ର ୧୫% ଅଞ୍ଚଳ ହେବ ପରିସରଭୁକ୍ତ
■ଅନ୍ୟ ପଥର ଖାଦାନ ହେବନି ପ୍ରଭାବିତ
■ସ୍ପଷ୍ଟ କଲେ ଆଇଏସ୍‌ପିଆର୍‌ଏଲ୍ ଦଳ

ଯାଜପୁର ଜିଲା ଧର୍ମଶାଳା ତହସିଲ ଡଙ୍କାରୀ ପାହାଡ଼ ପାଦ ଦେଶରେ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପାଇଁ ପଥ ପରିଷ୍କାର ହୋଇଛି। ଦେଶର ୪ର୍ଥ ସର୍ବବୃହତ ଏହି ତୈଳ ଭଣ୍ଡାର ପ୍ରତିଷ୍ଠା ହେଲେ ୧୬ଟି ପଥର ଖାଦାନ ବନ୍ଦ ହେବ ବୋଲି ଜିଲା ରାଜସ୍ୱ ବିଭାଗର ଦୃଢୋକ୍ତି ଫେଲ୍ ମାରିଛି । ଲଘୁ ଖଣିଜ ଦ୍ରବ୍ୟ ତଥା ମୂଲ୍ୟବାନ ଗ୍ରାନାଇଟ ପଥରରେ ଭରପୁର ଡଙ୍କାରୀ ପାହାଡ଼ର ମାତ୍ର ୧୫ ପ୍ରତିଶତ ଅଞ୍ଚଳ ପ୍ରସ୍ତାବିତ ତୈଳ ଭଣ୍ଡାରର ପରିସରଭୁକ୍ତ ହେବ ବୋଲି ସ୍ପଷ୍ଟ ହୋଇଛି। ଏହି ପରିସରକୁ ଛାଡ଼ିଦେଲେ ଅନ୍ୟ ଅଞ୍ଚଳରେ ଚାଲିଥିବା ପଥର ଖାଦାନ ଉତ୍ତୋଳନରେ ସେଭଳି କୌଣସି ପ୍ରଭାବ ପଡ଼ିବ ନାହିଁ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଇଣ୍ଡିୟାନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିଃ(ଆଇଏସ୍‌ପିଆର୍‌ଏଲ୍)ର ଡେପୁଟି ସିଇଓ ଅଜୟ ଦାସୋରେ ସ୍ପଷ୍ଟ କରିଛନ୍ତି। ଏହାପରେ ରାଜସ୍ୱ ବିଭାଗର ରାଜସ୍ୱ କ୍ଷତି ଆଶଙ୍କା ଦୂରୀଭୂତ ହେବା ସହ କେନ୍ଦ୍ର ସରକାରଙ୍କ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାର ସମ୍ଭାବନା ବୃଦ୍ଧି ପାଇଛି।

ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଦେଶରେ ଅତିରିକ୍ତ ୬.୫ମିଲିୟନ ମେଟ୍ରିକ ଟନ୍ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ସୁବିଧା ପ୍ରତିଷ୍ଠା ପାଇଁ ଚଣ୍ଡିଖୋଲ ସମେତ କର୍ନାଟକର ପାଦୁର ଏବଂ ଆନ୍ଧ୍ରପ୍ରଦେଶର ମାଙ୍ଗାଲୋରଠାରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାରର ପ୍ରକଳ୍ପ ପରିକଳ୍ପନା କରାଯାଇଥିଲା। ୨୦୧୭-୧୮ ବର୍ଷର ସାଧାରଣ ବଜେଟରେ ଏନେଇ ସ୍ଥାନ ପାଇଥିଲା। ଏହାପରେ ଡଙ୍କାରୀରେ କଳାପଥର ଉତ୍ତୋଳନକୁ ନେଇ ବାଦବିବାଦ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ହେଲେ ପଥର ଖାଦାନରୁ ଆଦାୟ ହେଉଥିବା ପ୍ରାୟ ୧୪୧୪ କୋଟି ଟଙ୍କା ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ ହୋଇଥିଲା । ତେଣୁ ଜମି ଯୋଗାଇବା ଦେବାରେ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ବହୁ ବିଳମ୍ବ ହୋଇଛି । ଅନ୍ୟପକ୍ଷେ ସମାନ ସମୟରେ ଘୋଷଣା ହୋଇଥିବା ପାଦୁର ଓ ମାଙ୍ଗାଲୋର କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ସୂଚନା ମିଳିଛି । ଏହିକ୍ରମରେ କେନ୍ଦ୍ର ସରକାରଙ୍କ ଆଇଏସ୍‌ପିଆର୍‌ଏଲ୍ ଯାଜପୁର ଜିଲାପ୍ରଶାସନକୁ ଏକ ରିପୋର୍ଟ ପ୍ରଦାନ କରି ତୈଳ ଭଣ୍ଡାର ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି ।

୪୦୦ ଏକର ଜମିରେ ପରିକଳ୍ପିତ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଭୂଗର୍ଭରେ ହେଉଥିବାରୁ ୧୦ ବର୍ଗ କିମି ପରିମିତ ବିଶିଷ୍ଟ ଡଙ୍କାରୀ ପାହାଡ଼ର ମାତ୍ର ୧୫ ପ୍ରତିଶତ ଅଞ୍ଚଳ ଅନ୍ତର୍ଭୁକ୍ତ ହେବ । କୌଣସି ଗ୍ରାମବାସୀ ଏଥିରେ ପ୍ରଭାବିତ ହେବେ ନାହିଁ। ପ୍ରଦୂଷଣର କୌଣସି ଆଶଙ୍କା ନାହିଁ । ଏହାବାଦ ଯେଉଁଠାରେ ଏଭଳି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ସେଠାକୁ ଯାଜପୁର ଜିଲାର ଏକ ପରିଦର୍ଶନ ଟିମ ଗସ୍ତ କରିବେ ବୋଲି ଆଇଏସ୍‌ପିଆର୍‌ଏଲ୍‌ର ଡେପୁଟି ସିଇଓ ଦାସୋରେ ପ୍ରକାଶ କରିଛନ୍ତି। ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଜିଲା ଖଣି ଅଧିକାରୀ ଅସୀତ କୁମାର ବେହେରା, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ଓ ଓଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ଥିଲେ।

## ବେଆଇନ ମାଟି,ବାଲି ଚାଲାଣ: ୪ ହାଇୱା ଜବତ

**ମାର୍ଶାଘାଇ, ୩୧।୭ (ଡି.ଏନ୍.ଏ.)**

ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗଠାରୁ ଆରମ୍ଭ କରି କେନ୍ଦ୍ରାପଡା ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରୁଥିବାର ସୁଯୋଗ ନେଇ ରେଳପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ବା ସବ୍ ଠିକାସଂସ୍ଥା ବେଆଇନ କାର୍ଯ୍ୟ ଆପଣାଉଥିବା ଦେଖିବାକୁ ମିଳୁଛି। ସରକାରୀ ଜମିରୁ ବେଆଇନ ବାଲି ଓ ମାଟି ଉଠାଇ ରେଳପଥ କାମରେ ବ୍ୟବହାର କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ବୁଧବାର ଚୋରା ଚାଲାଣ ବେଳେ ୪ଟି ହାଇୱା ଜବତ କରାଯାଇଛି। ବାଲି, ମାଟି ଚୋରା ଚାଲାଣ ନେଇ ଦୀର୍ଘ ଦିନ ଧରି ଅଭିଯୋଗ ହୋଇଆସୁଥିଲା। ତେବେ ବୁଧବାର ବଡକୂଳ ଲୁଣାନଦୀ ପଠାରୁ ବାଲି, ମାଟି ଉଠାଯାଉଥିବା ଖବରପାଇ ମହାକାଳପଡା ତହସିଲଦାର ରମେଶଚନ୍ଦ୍ର ସେଠୀ ଓ ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରା ଚଢ଼ାଉ କରି ୪ଟି ହାଇୱା ଜବତ କରିଥିଲେ। ଏହି ମାଟି, ବାଲି ମାର୍ଶାଘାଇ କ୍ରସିଂ ନିକଟ ନିର୍ମାଣାଧୀନ ରେଳପଥରେ ବ୍ୟବହାର ପାଇଁ ଯାଉଥିବା ଜଣାପଡିଛି। ଓଡି-୨୯ଡି-୯୧୭୬, ଓଡି-୨୯ଡି -୮୯୫୫, ଓଡି-୨୯ଇ-୩୯୫୫, ଓଡି-୨୯ଏନ୍-୯୮୫୬ ନମ୍ବର ବିଶିଷ୍ଟ ହାଇୱାକୁ ଜବତ କରାଯାଇଥିବା ଥାନା ଅଧିକାରୀ ବେହେରା କହିଛନ୍ତି।

## ଅପରେଶନ ପରୀ: ୨ ନାବାଳିକା ଉଦ୍ଧାର

**ପାରାଦୀପ,୩୧।୭(ସ୍ୱ.ପ୍ର.)**

ଅପରେଶନ ପରୀ ମାଧ୍ୟମରେ ପାରାଦୀପ ଆଦର୍ଶ ଥାନା ଓ ଅଭୟଚାନ୍ଦପୁର ଥାନା ଅଞ୍ଚଳରୁ ପୋଲିସ ୨ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହିତ ସେମାନଙ୍କୁ ଅପହରଣ କରିଥିବା ନାବାଳକ ଦ୍ୱୟ ମଧ୍ୟ ଧରା ପଡ଼ିଛନ୍ତି। ଅଭୟଚାନ୍ଦପୁର ପୋଲିସ ସୂଚନା ଅନୁସାରେ, ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସେହି ଗ୍ରାମର ୧୭ ବର୍ଷର ନାବାଳକ ନେଇ ଫେରାର ହୋଇ ଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅପହରଣ ସହ ବଳାତ୍କାର ଅଭିଯୋଗ କରାଯାଇଥିଲା। ପୋଲିସ ୫୭/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉଦ୍ଧାର କରିବା ପରେ ଉଭୟଙ୍କ ଡାକ୍ତରୀ ମାଇନା କରାଇଛି। ଉଭୟ ନାବାଳିକାନାବାଳକ ହୋଇଥିବାରୁ ସେମାନଙ୍କୁ ଶିଶୁଯତ୍ନ ଅନୁଷ୍ଠାନରେ ଥଇଥାନ କରାଯିବ ବୋଲି ଥାନା ଅଧିକାରୀ ଯୁଗୋଳ କିଶୋର ଦାସ କହିଛନ୍ତି। ସେହିପରି ପାରାଦୀପ ମଡେଲ ଥାନା ଅଞ୍ଚଳରେ ଗତବର୍ଷ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଅପହରଣ କରିଥିବା ଅଭିଯୁକ୍ତ ନାବାଳକ ଥିଲେ। ସେହି ୨ ଜଣଙ୍କୁ ବୁଧବାର ପୋଲିସ ଉଦ୍ଧାର କରିଛି। ନାବାଳିକା ଜଣଙ୍କ ଏବେ ୯ ମାସର ଗର୍ଭବତୀ ଅଛନ୍ତି। ଅଭିଯୁକ୍ତ ନାବାଳକଙ୍କ ବୟସ ୧୮ ଟପିଯାଇଛି। ଉଭୟଙ୍କୁ ଡାକ୍ତରୀମାଇନା ପରେ ଶିଶୁଯତ୍ନ ଅନୁଷ୍ଠାନକୁ ପଠାଯିବ ବୋଲି ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି। ଝିଅ ଗର୍ଭବତୀ ଥିବା ଜାଣିବା ପରେ ପରିବାର ଲୋକେ ନେବାକୁ ଅମଙ୍ଗ ହେଉଛନ୍ତି। ଏହାକୁ ନେଇ ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

## ଦୁର୍ଘଟଣାରେ ଖବରଦାତା ଗୁରୁତର

**ତିର୍ତ୍ତୋଲ,୩୧।୭(ଡି.ଏନ.ଏ.)**

ସାରଳା ସଂସ୍କୃତି ଓ ମହିମା ପ୍ରଚାରକ ତଥା ଖବରଦାତା ରମାକାନ୍ତ ରାଉଳ ବୁଧବାର ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ରାଉଳ ସ୍କୁଟି ଚଳାଇ ଜଗତ୍‌ସିଂହପୁରରୁ ନିଜ ଘର ଝଙ୍କଡ ଶାରଳା ପୀଠ କନକପୁରକୁ ଫେରୁଥିଲେ। ଅପରାହ୍ନ ୩ଟାରେ ସଁଅରା ଛକ ନିକଟରେ ଏକ ୪୦୭ ସାଇଡ୍ ମାରିବାରୁ ସେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଆଣ୍ଠୁ ମଧ୍ୟ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

## ■ ଜିଲାପାଳଙ୍କ ବୟନ ଗ୍ରାମ ପରିଦର୍ଶନ

# ଅଧୁରା କାମ ସମ୍ପୂର୍ଣ୍ଣ କରାଯିବ



ଜିଲାପାଳଙ୍କ ସହ ଗ୍ରାମବାସୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

**ରଘୁନାଥପୁର, ୩୧।୭ (ଡି.ଏନ୍.ଏ.):**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବୁଧବାର ରଘୁନାଥପୁର ବ୍ଲକ୍ ଜଇପୁରସ୍ଥିତ ବୟନ ଗ୍ରାମ ପରିଦର୍ଶନରେ ଆସିଥିଲେ। ବୁଣାକାର ମହିଳାଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ସାମଗ୍ରୀ ଦେଖି ଜିଲାପାଳ ମହାପାତ୍ର ଖୁସି ପ୍ରକଟ କରିବା ସହ ଅଧୁରା ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ଶ୍ରୀ ପାର୍ବତୀ ତନ୍ତବାୟ ସହଯୋଗ ସମିତି ଓ ସଂସ୍କୃତି ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର ଗ୍ରୁପ୍ ମିଳିତ ଆନୁକୂଲ୍ୟରେ ବୟନ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନେଇ ହସ୍ତତନ୍ତ କାର୍ଯ୍ୟକ୍ରମ ଜାରି ରହିଛି। ତତ୍କାଳୀନ ଜିଲାପାଳଙ୍କ ଉଦ୍ୟମରେ ପାରାଦୀପ ବନ୍ଦର ସହାୟତାରେ ବୟନ ଗ୍ରାମକୁ ସରସ ସୁନ୍ଦର କରାଯାଇଥିଲା। ବାତ୍ୟା ଫନୀ ପରେ ଜିଲାପାଳ ମହାପାତ୍ର ଜିଲାର ପ୍ରଥମଥର ବୟନ ଗ୍ରାମକୁ ଆସି ଭାଙ୍ଗି ଥିବା ଡେମନ୍‌ଷ୍ଟ୍ରେଶନ୍ ହଲ୍‌ର ପୁନରୁଦ୍ଧାର, ଅର୍ଦ୍ଧନିର୍ମିତ ଗେଟ୍‌କୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଦାୟିତ୍ୱରେ ଥିବା ଆର୍‌ଆଣ୍ଡବି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ନିମାଇଁ ଚରଣ ଦାସଙ୍କୁ କହିଥିଲେ। ଏହାଛଡ଼ା ଗ୍ରାମରେ ଅସମ୍ପୂର୍ଣ୍ଣ ଥିବା ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ପିଡି ସରୋଜକାନ୍ତ ମହାନ୍ତି ଓ ବିଡିଓ ପଞ୍ଚାନନ ପଟାୟତଙ୍କ ସହ ଆଲୋଚନା କରିଥିଲେ। ଡେପୁଟି ଡାଇରେକ୍ଟର ଟେକ୍ସଟାଇଲ୍ ମାନସ ପାଣିଗ୍ରାହୀଙ୍କ ସହ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଥିବା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଗେଟ୍‌ଠାରୁ ବୟନ ଗ୍ରାମକୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, କାମ କରୁଥିବା ମହିଳାଙ୍କୁ ଏକ୍ସପୋଜର ଭିଜିଟରେ ପଠାଯିବା, ନୂତନ କମ୍ପ୍ୟୁଟର ସହ ସ୍କାନର ବ୍ୟବସ୍ଥା କରାଯିବା, ଗ୍ଲୋଇଂ ସାଇନ୍ ବୋର୍ଡ ଲଗାଯିବା, ସର୍ବପରେ ବୟନ ଗ୍ରାମକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ବ୍ୟବସ୍ଥା ନେବାକୁ ଉପସ୍ଥିତ ଅଧିକାରୀଙ୍କ ସହ ବିଚାରବିମର୍ଶ କରିଥିଲେ। ଆର୍‌ଆଣ୍ଡବି ଏସ୍‌ଡିଓ ରତିକାନ୍ତ ବେହେରା ଓ ଜେଇ ବିନୟ କୁମାର ସାହୁ ଓରମାସର ସିଇଓ ସତ୍ୟଶୁଭମ ସୁନ୍ଦରମ ପାଇଟାଳ ଓ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଅଫିସର ପ୍ରଭାତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଭାନେତ୍ରୀ ସରସ୍ୱତୀ ପୃଷ୍ଟି ଓ ସମ୍ପାଦିକା ମମତା ପୃଷ୍ଟି ମହିଳାମାନଙ୍କୁ ଅଧିକ ତାଲିମ ଦେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ଜୀବିକା ମିଶନ ବିପିଏମ୍ କଳ୍ପନା ଦଳାଇ ଓ ବିଏଲ୍‌ସି ମିନାରାଣୀ ଦାସ ଏଥିରେ ସହଯୋଗ କରିଥିଲେ। ଆସନ୍ତା ଅଗଷ୍ଟ ୩୧ରେ ପୁଣି ଥରେ ପରିଦର୍ଶନରେ ଆସିବେ ବୋଲି ଜିଲାପାଳ ମହାପାତ୍ର କହିଥିଲେ।

## ଜଳ ନିଷ୍କାସନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଉପକୂଳ ଅଞ୍ଚଳ ଗସ୍ତ

# ଅଳକା, ହଂସୁଆ ନଦୀର ପୁନରୁଦ୍ଧାର ହେବ

**ବାଲିକୁଦା,୩୧।୭(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାର ସମୁଦ୍ର ଉପକୂଳ ଅଞ୍ଚଳ ହେଉଛି ବାଲିକୁଦା ଓ ଏରସମା ବ୍ଲକ। ଏହି ଦୁଇ ବ୍ଲକ ଦେଇ ଜିଲାର ସମସ୍ତ ଉଦ୍‌ବୃତ ବର୍ଷା ଜଳ ବିଭିନ୍ନ ନଦୀ ଓ କେନାଲ ଦେଇ ସମୁଦ୍ରକୁ ଯାଇଥାଏ। କିନ୍ତୁ ଦୀର୍ଘଦିନ ହେବ ନଦୀ ଗୁଡିକର ପୁନରୁଦ୍ଧାର ନ ହେବାରୁ ପୋତି ହୋଇ ଗଲାଣି। ଫଳରେ ବର୍ଷା ଜଳ ଠିକ୍‌ରେ ନିଷ୍କାସନ ହୋଇ ପାରୁନାହିଁ। ଏଥିପାଇଁ ବ୍ୟାପକ ଫସଲ ହାନୀ ସହିତ ଧନ ଜୀବନ ପ୍ରବାହିତ ହେଉଛି। ଗତ ବର୍ଷଠାରୁ ଜିଲାରେ ଜଳ ନିଷ୍କାସନ ବିଭାଗ କାର୍ଯ୍ୟାଳୟ ଖୋଲିଛି। ଏବେ ବାଲିକୁଦା-ଏରସମା ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିବାରୁ ବିଭାଗୀୟ ଅଧିକାରୀ ଅଞ୍ଚଳ ପାଇଁ ତତ୍ପର ହୋଇ ଉଠିଛନ୍ତି। ସେହି ଅନୁସାରେ ବୁଧବାର ଜିଲା ଜଳ ନିଷ୍କାସନ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ବେଣୁଧର ଧଳ, ଯନ୍ତ୍ରୀ ସୁଧୀର କୁମାର ପ୍ରହରାଜ ଓ ଦିଲୀପ ଦାସ ବାଲିକୁଦା ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। ଜିଲାର ସମସ୍ତ ବର୍ଷାଜଳ ଅଳକା ଓ ହଂସୁଆ ଦେଇ ସମୁଦ୍ରକୁ ପ୍ରବାହିତ ହେଉଥିବାରୁ ଏହି ଦୁଇ ନଦୀ ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ବ୍ଲକର ସମୁଦ୍ରକୁ ଲାଗି ରହିଥିବା କୁଣ୍ଡପୁର ପଞ୍ଚାୟତର କାଠଗରୀ ଓ ଶାଖାନଦୀ ଯେଉଁସବୁ ଗୁଡିକ ପୋତି ହେଇ ଗଲାଣି ସେସବୁକୁ ପୁନରୁଦ୍ଧାର କରିବା ପାଇଁ ମଧ କହିଥିଲେ। ନିର୍ବାହୀ ଯନ୍ତ୍ରୀ ସମୁଦ୍ର ଉପକୂଳ କାଠଗରୀ ପୋଲ ନିକଟକୁ ଯିବା ସମୟରେ ସେହି ଅଞ୍ଚଳର ଲୋକେ ନଦୀ ପାର ହୋଇ ଏରସମା ବ୍ଲକକୁ ଦୈନନ୍ଦିନ ଯାତାୟାତ କରୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକ ପ୍ରତିନିଧି ରାଖାଲ ଚରଣ ଦାସ ଓ ପ୍ରଶାନ୍ତ ହାତୀ ଲୋକଙ୍କ ଯାତାୟାତ ସୁବିଧା ପାଇଁ ସେହି ନଦୀ ଉପରେ ପୋଲ ନିର୍ମାଣ କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। କାଠଗରୀରୁ ଗଡହରିଶପୁର ନଦୀରେ ପୋଲ ସଂଯୋଗୀ କରଣ ହେଲେ ବାଲିକୁଦା ଓ ଏରସମା ଭିତରେ ଦୂରତ୍ୱ କମିଯିବ। ନିର୍ବାହୀ ଯନ୍ତ୍ରୀଙ୍କ ଗସ୍ତ ସମୟରେ ବାଲିକୁଦା ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାହୁ, ଅଳକା ସୁରକ୍ଷା ସଂଗ୍ରାମ ସମିତି ଆବାହକ ରତ୍ନାକର ନାୟକ, ଭୀମସେନ ମୁଦୁଲି, ସନ୍ତୋଷ ରାୟ, ସରୋଜ ମହାପାତ୍ର, ପ୍ରକାଶ ରାୟ, ଅନନ୍ତପୁର ସରପଞ୍ଚ ରମେଶ ଚନ୍ଦ୍ର ପାଇଟାଳ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳର ଜଳ ନିଷ୍କାସନ ସମସ୍ୟା ବିଷୟରେ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ। ନିର୍ବାହୀ ଯନ୍ତ୍ରୀ ମିଶ୍ର ତୁରନ୍ତ କାମ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ।

## ଆବାସ କାର୍ଯ୍ୟାଦେଶ ବଣ୍ଟନ

**କୁଜଙ୍ଗ,୩୧।୭(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ପକ୍ଷରୁ ସ୍ଥାନୀୟ ସୂଚନା କେନ୍ଦ୍ର ପରିସରରେ ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତର ୫୦୬ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିସହିତ ଏକ ହିତାଧିକାରୀ ସଚେତନତା ମେଳା ଅନୁଷ୍ଠିତ ହୋଇଛି। ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ଦାସ, ବ୍ଲକ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଅତିରିକ୍ତ ବିଡିଓ ସନ୍ତୋଷ ଶତପଥୀ, ବ୍ଲକ ଉପାଧ୍ୟକ୍ଷା ପୁଷ୍ପଲତା ବେହେରା ଓ ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

## ଜାବରା କଳାପଥର ଖାଦାନରେ ଚଢ଼ାଉ, ୯ ଗାଡ଼ି ଜବତ

**ଧର୍ମଶାଳା/ଚଢ଼େଇଧରା, ୩୧।୭(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଜାବରା/ଆରୁହା କଳାପଥର ଖାଦାନରେ ବୁଧବାର ଧର୍ମଶାଳା ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୯ ଗାଡି ଜବତ କରାଯାଇଛି। ଜବତ ଗାଡିଗୁଡିକଠାରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ସରୋଜ କୁମାର ପଣ୍ଡା କହିଛନ୍ତି। ଏଥିସହ ଆଗାମୀ ଦିନିରେ ଏହିଭଳି ଚଢାଉ ଜାରି ରହିବ। ଏହି ଚଢାଉରେ ଧର୍ମଶାଳା ତହସିଲଦାରଙ୍କ ସମେତ ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, କାଏମା ଆରଆଇ ବିରଞ୍ଚି ନାରାୟଣ ବୋଇତେଇ, ନାକପୋଲ ଏଆରଆଇ ଚନ୍ଦନ କୁମାର ସାହୁ, ଆରୁହା ଏଆରଆଇ ଜଗବନ୍ଧୁ ଜେନା, ଧର୍ମଶାଳା ପୋଲିସ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ଚଢ଼ାଉ ସମୟରେ ୨ କମ୍ପ୍ରେସର, ୨ ଟ୍ରାକ୍ଟର, ୩ ଟ୍ରକ୍ ଓ ୨ଟା ଜେସିବି ଜବତ କରିଥିଲେ। ଚଢ଼ାଉ ଦେଖି ଅନ୍ୟ ଗାଡିଗୁଡିକ ଛତ୍ରଭଙ୍ଗ ଦେଇଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି, ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍

# ୧୦୦ରେ ୩୧ ଝିଅ କରୁଛନ୍ତି ବାଲ୍ୟବିବାହ

**ନୟାଗଡ଼ ଜିଲା**
- ଗଡ଼ିଲା ବାଲ୍ୟବିବାହକୁ ନା ସଚେତନତା ରଥ
- ବାଲ୍ୟବିବାହ କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ
- ସମସ୍ୟା ଦୂର କରିବା ପାଇଁ ସମସ୍ତେ ଚେଷ୍ଟା କରିବା ଦରକାର

**ନୟାଗଡ଼ ଅଫିସ,୩୧।୭**

ବିଭିନ୍ନ ସମୟରେ ଜିଲାରେ ବାଲ୍ୟବିବାହ ହେଉଥିବା ଘଟଣା ନୟାଗଡ ଜିଲାକୁ ନିନ୍ଦିତ କରୁଛି । ତେଣୁ ଏହାର ନିରାକରଣ ଓ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବୁଧବାର ଡିଆରଡିଏସ୍ଥିତ ସୃଜନ ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଜିଲାପାଳ କହିଥିଲେ ରାଜ୍ୟରେ ନୟାଗଡ଼ ଜିଲାରେ ଝିଅ ସଂଖ୍ୟା କମ୍ ଥିବା ବେଳେ ବାଲ୍ୟବିବାହ ଘଟଣା ଜିଲାକୁ ନିନ୍ଦିତ କରୁଛି । ଦେଶରେ ୧୦୦ରେ ୨୬ ଜଣ, ରାଜ୍ୟରେ ୧୦୦ରେ ୨୧ ଜଣ ଝିଅ ବାଲ୍ୟ ବିବାହ କରୁଛନ୍ତି । ହେଲେ ନୟାଗଡ଼ ଜିଲାରେ ୧୦୦ରେ ୩୧ ଜଣ ଝିଅ ବାଲ୍ୟବିବାହ କରୁଥିବା ଘଟଣା ଜିଲା ପାଇଁ ଅତ୍ୟନ୍ତ ଲଜ୍ଜାର ବିଷୟ । ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ବନ୍ଦ କରାଯାଉଥିଲେ ମଧ୍ୟ ଏହାର କିଛିଦିନ ପରେ ପୁନର୍ବାର ବିବାହ ହେଉଛି । ତେଣୁ ପ୍ରଶାସନ କି ଜନପ୍ରତିନିଧି ଚାହିଁଲେ ବାଲ୍ୟବିବାହ ରୋକାଯାଇପାରିବ ନାହିଁ । ଲୋକମାନେ ଚାହିଁଲେ ଏହା ରୋକାଯାଇପାରିବ । ତେଣୁ ବାଲ୍ୟବିବାହ ରୋକିବା ପାଇଁ ଲୋକମାନେ ଚେଷ୍ଟା କରିବା ଦରକାର ବୋଲି ଜିଲାପାଳ ନାୟକ ପ୍ରକାଶ କରିଥିଲେ ।





ଶିବିରରେ ଜିଲାପାଳ ନିଜର ବକ୍ତବ୍ୟ ରଖୁଛନ୍ତି ।

ଜିଲାରେ ୨୦୧୬-୧୭ ବର୍ଷରେ ୨୧, ୧୭-୧୮ରେ ୧୭, ୧୮-୧୯ରେ ୧୬ ଓ ବର୍ତ୍ତମାନ ସୁଦ୍ଧା ୩୧ଟି ବାଲ୍ୟବିବହାକୁ ବନ୍ଦ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା । ଅନ୍ୟପକ୍ଷେ ଜିଲାରେ ୧୦୦ରୁ ୧୬ ଜଣ ମହିଳା ୧୫ରୁ ୧୯ ବର୍ଷ ମଧ୍ୟରେ ଗର୍ଭଧାରଣ କରୁଥିବା ନେଇ ସୂଚନା ଦିଆଯାଇଥିଲା । ସରପଞ୍ଚମାନେ ଯଦି ଠିକ୍ ଭାବରେ ଦାୟିତ୍ୱ ତୁଲାଇବେ ତାହା ହେଲେ ମାସେ ଭିତରେ ବାଲ୍ୟବିବାହର ସମାଧାନ ହୋଇପାରିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ । ପୂର୍ବରୁ ବାଲ୍ୟବିବାହ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ବେଳେ ଆଗାମୀ ଦିନରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ନାୟକ କହିଥିଲେ । ସମ୍ମାନିତ ଅତିଥିଭାବେ ଏସ୍‌ପି ଶଶିଭୂଷଣ ଶତପଥୀ ଯୋଗଦେଇ ଝିଅକୁ ପୁଅ ଭାବିବା ଦରକାର, ତାହା ହେଲେ କୌଣସି ପରିବାରର ଲୋକମାନେ କମ୍ ବୟସରେ ଝିଅକୁ ବିବାହ କରାଇବେ ନାହିଁ ବୋଲି କହିଥିଲେ । ମାନସିକତାରେ ପରିବର୍ତ୍ତନ ଆଣିଲେ ବାଲ୍ୟବିବାହକୁ ବନ୍ଦ କରାଯାଇପାରିବ ବୋଲି ଏସ୍‌ପି ପ୍ରକାଶ କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ନିଜ ବକ୍ତବ୍ୟରେ ବାଲ୍ୟବିବହାକୁ ରୋକିବା ପାଇଁ ସମସ୍ତେ ଆଗେଇ ଆସିବା ଦରକାର ବୋଲି ପ୍ରକାଶ କରିଥିଲେ । ରିସୋର୍ସ ପର୍ସନ ଚିତ୍ତରଞ୍ଜନ ମହାନ୍ତି ବାଲ୍ୟବିବାହ ଆଇନ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଏପିଡି ସନ୍ତୋଷୀ ସାହୁ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ଚିତ୍ତରଞ୍ଜନ ମହାନ୍ତି ଓ ଡ. ବଳିୟାର ସିଂ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବାଲ୍ୟବିବାହ ନ କରି ପାଠ ପଢ଼ିଥିବା ୨ ଜଣ ଝିଅଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ବାଲ୍ୟବିବାହ କରୁଥିବା ଝିଅମାନଙ୍କୁ ମାଗଣା ଶିକ୍ଷା ଦେଉଥିବା ଏକ ଶିକ୍ଷାନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବାଲ୍ୟବିବାହକୁ ନା ସଚେତନତା ରଥକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ । ଏହି ରଥ ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ଜିଲାର ୧୯୪ଟି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ବାଲ୍ୟ ବିବାହ କରିବା ଦ୍ୱାରା କ'ଣ ଅପକାର ହେଉଛି ସେ ନେଇ ଲୋକମାନଙ୍କୁ ବୁଝାଇବ । ସେହିଭଳି ବାଲ୍ୟବିବାହ କଲେ ଜରିମାନା ସହ ଜେଲ୍ ଦଣ୍ଡ ବିଷୟରେ ମଧ୍ୟ ଲୋକଙ୍କୁ ସଚେତନ କରାଇବ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିରଞ୍ଚି ନାରାୟଣ ନନ୍ଦ ଶିବିରକୁ ପରିଚାଳନା କରିଥିବା ବେଳେ ସତ୍ୟରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ । ଏହି ଶିବିରରେ ଜିଲାସ୍ତରୀୟ ଅଧିକାରୀ, ସିଡିପିଓ, ତହସିଲଦାର, ପିଆରଆଇ ମେମ୍ବର, ବିଭିନ୍ନ ମନ୍ଦିରର ପୂଜାରୀ, ଏନଜିଓ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବାକି ଟଙ୍କା ମାଗିବାରୁ ମହିଳାଙ୍କୁ ମାଡ଼ ଅଭିଯୋଗ



**ଖଣ୍ଡପଡ଼ା,୩୧।୭(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ କଇଁଥପଲ୍ଲୀ ଗ୍ରାମର ଜଣେ ବିଧବା ମହିଳା ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବାକି ଟଙ୍କା ମାଗିବାରୁ ସେ ଓ ତାଙ୍କ ମା' ମାଡ଼ ମାରିଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ନାମ ଲବଙ୍ଗ ସ୍ୱାଇଁ। କିଛି ମାସ ପୂର୍ବରୁ ଧାର ସୂତ୍ରରେ ୨୫ ହଜାର ଟଙ୍କା ନେଇଥିବା ମନୋଜ ପ୍ରଧାନଙ୍କୁ ବାକି ଟଙ୍କା ମାଗିବାର ସେ ଓ ତାଙ୍କ ମା ମିଶି ମାଡ଼ ମାରିଥିବା ନେଇ ଲବଙ୍ଗ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ.୧୪୦/୨୦୧୯ରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ୨ ଦିନ ତଳେ ମହିଳା ଧାର ଟଙ୍କା ଫେରାଇବାକୁ କହିବାରୁ ଗଣ୍ଡଗୋଳ ଘଟିଥିଲା। ଘଟଣା ଦିନ ଲବଙ୍ଗ ପୁଣି ଟଙ୍କା ମାଗିବାରୁ କ୍ରୋଧାନ୍ୱିତ ହୋଇ ମନୋଜ ଓ ତାଙ୍କ ମା' ଉଭୟେ ଗାଁ ମଝିରେ ସର୍ବସାଧାରଣଙ୍କ ସମ୍ମୁଖରେ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଲବଙ୍ଗଙ୍କ ପରିବାରବର୍ଗ ଦାବି କରି ନୟାଗଡ଼ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି।

### ଶାଗୁଆନ ପଟା ଜବତ, ଜଣେ ଗିରଫ

**ଦଶପଲ୍ଲା,୩୧।୭(ଡି.ଏନ.ଏ.):** ଦଶପଲା ବନବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇ ୨ ସାଇକେଲ ସହ ୧୨ ଖଣ୍ଡ ଶାଗୁଆନ ପଟା ଜବତ କରାଯାଇଥିବା ବେଳେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ତେଣ୍ଡାବାଡି ପଞ୍ଚାୟତ କୁସୁମକଣ ଗ୍ରାମର ପ୍ରଫୁଲ୍ଲ ନାୟକ(୨୮)। ପ୍ରଫୁଲ୍ଲ ଓ ତାଙ୍କର ଜଣେ ସହଯୋଗୀ ବୁଧବାର ପୂର୍ବାହ୍ନ ୮ଟାରେ ୨ ଟି ସାଇକେଲ ଯୋଗେ ୧୨ ଖଣ୍ଡ ଶାଗୁଆନ ପଟା ଧରି ଆସୁଥିବା ବେଳେ ଖବରପାଇ ବନକର୍ମଚାରୀମାନେ ଚଢ଼ାଉ କରିଥିଲେ। ଶିମିଳିସାହିସ୍ଥିତ ହନୁମାନ ମନ୍ଦିର ନିକଟରେ ବନକର୍ମଚାରୀମାନେ ଏହି ଚଢାଉ କରିଥିବା ବେଳେ ଘଟଣାସ୍ଥଳରୁ ସାଇକେଲ ଛାଡି ଜଣେ ଖସି ପଳାଉଥିବା ବେଳେ ବନକର୍ମଚାରୀମାନେ ପ୍ରଫୁଲ୍ଲଙ୍କୁ କାବୁ କରିନେଇଥିଲେ। ଜବତ କାଠ ୪ ଘନ ଫୁଟ ହେବାସହ ଏହାର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢାଉରେ ବନପାଳ ମନୋଜ ପ୍ରଭାକର ସାହୁ, ବନରକ୍ଷୀ ନାରାୟଣ ମହାରଣା, ସଞ୍ଜୟ କୁମାର ବେହେରା ଓ ସ୍କ୍ୱାର୍ଡ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ଧାରଣା ସ୍ଥଗିତ

**ନୟାଗଡ଼ ଅଫିସ,୩୧।୭**

ନୟାଗଡ଼ ଜିଲାରେ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତିରେ ବିଳମ୍ବ ଓ ବର୍ଦ୍ଧିତ ଦରମା (ଏମ୍‌ଏସ୍‌ପି) ଦାବିରେ ଗୁରୁବାର ହେବାକୁ ଥିବା ଧାରଣା ସ୍ଥଗିତ ରଖାଯାଇଛି । ଏନେଇ ଶିକ୍ଷକ ସଂଘର ସମ୍ପାଦକ ଭକ୍ତବତ୍ସଳ ବଟକୃଷ୍ଣ ମିଶ୍ର ପ୍ରକାଶ କରିଛନ୍ତି । ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାର ସମସ୍ତ ବିଇଓଙ୍କୁ ସ୍କ୍ରିନିଂ କମିଟି ବୈଠକ କରିବା ନେଇ ଚିଠି କରାଯିବା ପରେ ଧାରଣା ସ୍ଥଗିତ ରଖାଯାଇଥିବା ନେଇ ସେ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ପଦୋନ୍ନତିରେ ବିଳମ୍ବ ହେଲେ ପ୍ରତି ୧୦, ୨୦ ଓ ୩୦ ବର୍ଷରେ ବର୍ଦ୍ଧିତ ଦରମା (ଏମ୍‌ଏସ୍‌ପି) ଦେବା ପାଇଁ ରାଜ୍ୟ ସରକାର ନିୟମ ପ୍ରଣୟନ କରିଛନ୍ତି ।ଏହି ନିୟମ ଅନୁସାରେ ପ୍ରତି ବ୍ଲକରେ ବର୍ଷକୁ ଦୁଇ ଥର ସ୍କ୍ରିନିଂ କମିଟି ବସି ଯୋଗ୍ୟ ବିବେଚିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଚୟନ କରିବେ । ହେଲେ ୨ ବର୍ଷ ହେଲା କୌଣସି ବୈଠକ ବସିନାହିଁ । ଫଳରେ ପ୍ରାଥମିକ ଶିକ୍ଷକମାନେ ସେମାନଙ୍କ ବର୍ଦ୍ଧିତ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି । ବୈଠକ କରିବା ଦାବିରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ଜିଲା ଶିକ୍ଷା କାର୍ଯ୍ୟାଳୟ ଆଗରେ ଶିକ୍ଷକମାନଙ୍କ ପକ୍ଷରୁ ଧାରଣା ଦିଆଯାଇଥାନ୍ତା ।

# ଭାରତୀୟ ସଂସ୍କୃତିକୁ ସମ୍ମାନ ଦିଅନ୍ତୁ ଯୁବସମାଜ

**୫ଟି ପ୍ରଶ୍ନ**

**ଓଡ଼ଗାଁ,୩୧।୭(ସ୍ୱ.ପ୍ର.)**

ସେ ଏକାଧାରରେ ଓଡିଆ, ହିନ୍ଦି, ସଂସ୍କୃତ, ବଙ୍ଗଳା ଓ ଇଂଲିଶ ଭାଷାରେ ଦକ୍ଷତା ହାସଲ କରିଛନ୍ତି । ଏଥିସହ ଆନନ୍ଦବନ ପରମହଂସଙ୍କ ଦ୍ୱାରା ବଙ୍ଗଳା ଭାଷାରେ ପ୍ରଣୀତ ପୁରାତନ ଗ୍ରନ୍ଥର ସଂସ୍କୃତ ଭାଷାରେ ଅନୁବାଦ ସହିତ ଓଡିଆ ଭାଷାରେ 'ରାମାର୍ଚ୍ଚନ ଚନ୍ଦ୍ରିକା' ପୁସ୍ତିକାର ଅନୁବାଦ କରିଛନ୍ତି ପଣ୍ଡିତ ଖଗେଶ୍ୱର ହୋତା । ନୟାଗଡ ଜିଲାର ପଡିଖାରି ନରେନ୍ଦ୍ରପୁର ଶାସନର ମହାଜନ ପଣ୍ଡିତ ଭାବେ ସେ ପରିଚିତ । ସେ ଗଞ୍ଜାମ ଜିଲାରେ ପ୍ରାଥମିକ ଶିକ୍ଷକ ଥିବାବେଳେ ଘରୋଇ ଭାବେ ହିନ୍ଦିରେ କୋବିଦ, ସାହିତ୍ୟ ଶାସ୍ତ୍ରୀ ଏବଂ ମାଟ୍ରିକ ଆଦି ଯୋଗ୍ୟତା ହାସଲ କରିଥିଲେ । ସେ ଜଣେ ପଞ୍ଜିକୃତ ହୋମିଓପାଥିକ ଡାକ୍ତରଭାବେ ମଧ୍ୟ ବେଶ୍ ଜଣାଶୁଣା । ଆରାଧ୍ୟ ଦେବତା ଶ୍ରୀରାମଚନ୍ଦ୍ରଙ୍କ ପୂଜାର୍ଚ୍ଚନା ନିମନ୍ତେ ବର୍ଷାଧିକ ସମୟର



**ପଣ୍ଡିତ ଖଗେଶ୍ୱର ହୋତା।**

ସାର୍ଥକତା ସ୍ୱରୂପ ରାମାର୍ଚ୍ଚନ ଚନ୍ଦ୍ରିକା ଭଳି ଏକକ ଗ୍ରନ୍ଥର ଅନୁବାଦ କରି ସେ ନିଜକୁ ଧନ୍ୟ ମନେ କରିଛନ୍ତି । ଏଥି ନିମନ୍ତେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଚନ୍ଦ୍ରଶେଖର ଷଡଙ୍ଗୀ ଓ କୁଳପତି ଗଙ୍ଗାଧର ପଣ୍ଡା ପ୍ରଂଶସା କରିଛନ୍ତି। ରାମାର୍ଚ୍ଚନ ଚନ୍ଦ୍ରିକା ସହିତ ସାବିତ୍ରୀ ପ୍ରଣୟ ବଲ୍ଲୀ, ରାମ ବଲ୍ଲଭାଂ ସ୍ତୋତ୍ରମ୍, ଗର୍ଗ ସଂହିତା ପଦ୍ୟାନୁବାଦ, ରାବଣ ପ୍ରଣୀତ ଶିବ ତାଣ୍ଡବର ଓଡିଆ ଅନୁବାଦ କରିଛନ୍ତି ପଣ୍ଡିତ ଖଗେଶ୍ୱର ହୋତା। ବର୍ତ୍ତମାନ ୮୮ ବର୍ଷ ବୟସରେ ପଦାର୍ପଣ କରିଥିବାବେଳେ ଖୁବ୍ ଚଳଚଞ୍ଚଳ ସେ । ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଧରିତ୍ରୀ ପକ୍ଷରୁ ତାଙ୍କୁ ୫ଟି ପ୍ରଶ୍ନ ପଚରାଯାଇଥିଲା ।

◆ **ଆପଣଙ୍କୁ କ'ଣ ଖାଇବାକୁ ଭଲ ଲାଗେ ?**

■ ପାରମ୍ପରିକ ଶାକାହାରୀ ଖାଦ୍ୟ ବେଶ୍ ଆଗ୍ରହର ସହିତ ଗ୍ରହଣ କରିଥାଏ । ଆମିଷରେ ସାମାନ୍ୟ ରଚି ରହିଛି

◆ **କେଉଁ ପୁସ୍ତକ ପଢିଛନ୍ତି ?**

■ ଅଧ୍ୟୟନ ନମନ୍ତେ ବୟସର ସୀମା ନଥାଏ । ଗର୍ଗ ସଂହିତା, ସାହିତ୍ୟ ଦର୍ପଣ, ବୈଦେହିଶ ବିଳାଶ, ନଳ ଦମୟନ୍ତୀ, ରାମାୟଣ, ଗୀତା ଭାଗବତ ଆଦି ସହିତ ବିଭିନ୍ନ ଭାଷାରେ ସାହିତ୍ୟ ସମ୍ବନ୍ଧିତ ପୁସ୍ତକ ନିୟମିତ ଅଧ୍ୟୟନ କରୁଛି ।

◆ **କେଉଁ ସିନେମା ଦେଖିଛନ୍ତି ?**

■ ସିନେମା ପ୍ରତି କେବେବି ଆଗ୍ରହ ନଥିଲା । ତଥାପି ସାଙ୍ଗ ସାଥିଙ୍କ ସହିତ କେବଳ ଓଡିଆ ସିନେମା ଦେଖିବାକୁ ପୁରୀ ଯାଉଥିଲି । ସେଠାରେ ଶ୍ରୀଜଗନ୍ନାଥ ଭଳି ୨ ରୁ ୩ ସିନେମା ଦେଖିଛି । ଠିକରେ ମନେ ନାହିଁ ।

◆ **ଶାରୀରିକ ସୁସ୍ଥତା ପାଇଁ କ'ଣ କରନ୍ତି?**

■ ପରିଣତ ବୟସରେ ମଧ୍ୟ ଭୋର ୫ଟାରୁ ଉଠି ନିତକର୍ମ ସାରି ଧ୍ୟାନ, ପୂଜାର୍ଚ୍ଚନା ସହିତ ପ୍ରାତଃ ଭ୍ରମଣ ଏବଂ ସନ୍ଧ୍ୟା ଭ୍ରମଣ କରୁଛି ।

◆ **ଯୁବସମାଜ ପାଇଁ କି ବାର୍ତ୍ତା ଦେବେ ?**

■ ଭାରତୀୟ ସଂସ୍କୃତିକୁ ସମ୍ମାନ, ଶାନ୍ତି ଓ ମୈତ୍ରୀର ପୂଜାରୀ, ସହନ ଶୀଳତାର ପ୍ରତୀକ, ଅନ୍ୟର ମତକୁ ସମ୍ମାନ ଦେବା ଏବଂ ପରିସ୍ଥିତିକୁ ସାମନା କରିବା ସହିତ ଏହାକୁ ଖାପଖୁଆଇ ନେବା ଯୁବ ସମାଜର କର୍ତ୍ତବ୍ୟ ହେଉ ।

**ସାକ୍ଷାତ୍‌କାର-ଆଦର୍ଶ କୁମାର ପଟ୍ଟନାୟକ**

# ଗୋକୁଳାନନ୍ଦଜୀଉଙ୍କ ଚିତାଲାଗି







ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଚିତଉ ପିଠା ଲାଗି କରାଯାଇଛି ।

**ଖଣ୍ଡପଡ଼ା,୩୧।୭(ସ୍ୱ.ପ୍ର.)**

ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ପବିତ୍ର ଚିତାଲାଗି ଅମାବାସ୍ୟା ଅବସରରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣର ଚିତାଲାଗି କରାଯାଇଥିଲା । ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଶ୍ରୀଜୀଉଙ୍କ ସକାଳ ଧୂପ ଶେଷ ହେବାପରେ ମନ୍ଦିରର ମୁଖ୍ୟପୂଜକ ସୁନାଚିତାକୁ ଧରି ବେଢ଼ା ପରିକ୍ରମା କରିବା ପରେ ଶ୍ରୀ ଜୀଉଙ୍କୁ ଚିତାଲାଗି କରାଯାଇଥିଲା । ଏହି ଅବସରରେ ସ୍ୱତନ୍ତ୍ର ଭୋଗ ଭାବେ ଖିରି ଓ ଚିତଉ ପିଠା ନୈବେଦ୍ୟ ଶ୍ରୀଜୀଉଙ୍କୁ ସମର୍ପଣ କରାଯାଇଥିଲା । ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ମନ୍ଦିର ପରିଚାଳକ ଗଙ୍ଗାଧର ଷଡଙ୍ଗୀ କହିଛନ୍ତି । କଣ୍ଟିଲୋ ଓ ଆଖପାଖ ଅଞ୍ଚଳର ମହିଳାମାନେ ଘରେ ଘରେ ଚିତଉ ପିଠା ପ୍ରସ୍ତୁତ ପୂର୍ବକ ପୂଜାର୍ଚ୍ଚନା କରି ଏହାକୁ ନଦୀ ଗର୍ଭରେ ପକାଇ ଥିଲେ। ତେବେ କଣ୍ଟିଲୋସ୍ଥିତ ନୀଳମାଧବ ଜୀଉଙ୍କ ଚିତାଲାଗି ନୀତି ପାଞ୍ଜି ଅନୁସାରେ ଗୁରୁବାର ପାଳନ ହେବ ବୋଲି ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି ।

# ଗାଧୋଇବାକୁ ଯାଇ ଫେରିଲେନି ମହିଳା

- କ୍ଷତବିକ୍ଷତ ମୃତଦେହ ଉଦ୍ଧାର
- ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା ଅଭିଯୋଗ

**ରଣପୁର,୩୧।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ ତାଳକଣି ଗ୍ରାମର ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଗାଁ ପୋଖରୀ ପାହାଚରୁ ବୁଧବାର ଉଦ୍ଧାର କରାଯାଇଛି । ମୃତ ମହିଳାଙ୍କ ନାମ ପ୍ରଭାସିନୀ ବେହେରା(୪୨) । ସେ ଭୋର ପ୍ରାୟ ୪ଟାବେଳେ ଗାଧୋଇବାକୁ ଯାଇଥିବାବେଳେ ସଂଘବଦ୍ଧ ଭାବେ ଆକ୍ରମଣ କରି ତାଙ୍କୁ ହତ୍ୟା କରାଯାଇଥିବା ପ୍ରଭାସିନୀଙ୍କ ସ୍ୱାମୀ ମାଗୁଣି ଥାନାରେ ଅଭିଯୋଗ କରିଛନ୍ତି । ମହିଳାଙ୍କ ମୃତଦେହକୁ ରଣପୁର ପୋଲିସ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଏ ଘଟଣା ନେଇ ପୋଲିସ ୩୦୨, ୩୦୪ ଦଫାରେ କେସ୍ ନଂ.୧୫୯/୧୯ରେ ତଦନ୍ତ ଜାରି ରଖିଛି । ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ତାଳକଣି ଗ୍ରାମର ମାଗୁଣିଙ୍କ ସ୍ତ୍ରୀ ପ୍ରଭାସିନୀ(କୁନି) ପ୍ରତିଦିନ ଭଳି ଭୋରରେ ଗାଁ ପୋଖରୀ ବଧିବନ୍ଧକୁ ଗାଧୋଇବାକୁ ଯାଇଥିଲେ । ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ । ତେବେ ସକାଳ ୫ଟାରେ ତାଙ୍କର ମୃତଦେହ ପୋଖରୀ ନିକଟରେ ପଡ଼ିଥିବା ଖବର ପାଇ ମାଗୁଣି ପୋଖରୀ କୂଳରେ ପହଞ୍ଚି ପ୍ରଭାସିନୀଙ୍କ ମୃତଦେହ ଦେଖିଥିଲେ । ତାଙ୍କ ଶରୀରର ବେକ, ମୁଣ୍ଡ, କହୁଣୀ, ଅଣ୍ଟା, କାଖ ଆଦି ଅଙ୍ଗରେ କ୍ଷତ ଚିହ୍ନ ରହିଛି । ନାକ ଓ କାନରୁ ରକ୍ତସ୍ରାବ ହେବା ସହ ପିଠିରେ ଠେଙ୍ଗା ଚିହ୍ନ ମଧ୍ୟ ଦେଖିବାକୁ ମିଳିଛି । ଏକ ବାଲଟିରେ ଲୁଗା ଚିପୁଡ଼ା ହୋଇ ପୋଖରୀ ଉପର ପାହାଚରେ ରହିଛି । ଏଭଳି ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଗାଧୋଇ ସାରି ଘରକୁ ଫେରୁଥିବାବେଳେ ସଂଘବଦ୍ଧ ଭାବେ ଆକ୍ରମଣ କରି ତାଙ୍କୁ ହତ୍ୟା କରାଯାଇଛି ବୋଲି ସ୍ୱାମୀ ଅଭିଯୋଗ କରିଛନ୍ତି । ଏ ନେଇ ସେ ଗ୍ରାମର ପବିତ୍ର ରଥଙ୍କ ପରିବାରକୁ ସନ୍ଦେହ ଘେର ମଧ୍ୟକୁ ଆଣିଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ କୋର୍ଟରେ ମାମଲା ବିଚାରାଧୀନ ରହିଥିବା ମାଗୁଣି କହିଛନ୍ତି । ସଦାଶିବ ବେହେରା ଓ ମୁରଲୀ ବେହେରାଙ୍କ ପରିବାର ସହ ମଧ୍ୟ ବିବାଦ ଚାଲିଥିବା ମାଗୁଣି ପ୍ରକାଶ କରିଛନ୍ତି । ତେଣୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରଭାସିନୀଙ୍କୁ ହତ୍ୟା କରାଯାଇଥିବା ନେଇ ମାଗୁଣି ଥାନାରେ ଅଭିଯୋଗ କରିଛନ୍ତି । ଏ ଘଟଣାରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ରଣପୁର ଥାନା ଏସ୍‌ଆଇ ପ୍ରୀତିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାନ୍ତି କହିଛନ୍ତି ।

# ଚାରାରୋପଣ କାର୍ଯ୍ୟକ୍ରମ





ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟମାନେ ।

**ନୟାଗଡ଼ ଅଫିସ,୩୧।୭:** ମା' ଫାଉଣ୍ଡେଶନ ଓ ମା' ଭଗବତୀ ଟ୍ରଲି ଅଟୋ ସେବା ସଂଘର ମିଳିତ ଆନୁକୂଲ୍ୟରେ ବୁଧବାର ସହରର କଲେଜ ଲେନ୍ ପ୍ରାଥମିକ ବିଦ୍ୟାଳୟଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମା' ଫାଉଣ୍ଡେଶନର ସମ୍ପାଦକ ରଶ୍ମିରଞ୍ଜନ ଜେନାଙ୍କ ନେତୃତ୍ୱରେ ହୋଇଥିବା ଏହି ଚାରାରୋପଣ କାର୍ଯ୍ୟକ୍ରମରେ ମା' ଭଗବତୀ ଟ୍ରଲି ଅଟୋ ସେବା ସଂଘର କର୍ମକର୍ତ୍ତା ଏବଂ ଲକ୍ଷ୍ମୀ ବାସନ ଭଣ୍ଡାରର ପ୍ରୋପ୍ରାଇଟର ପ୍ରମୋଦ କୁମାର ସାହୁଏବଂ କର୍ମଚାରୀ ସହଯୋଗ କରିଥିଲେ । ଚମ୍ପା, କୃଷ୍ଣଚୂଡ଼ା ଆଦି ପ୍ରାୟ ୨୦ଟି ଚାରାରୋପଣ କରାଯାଇଥିଲା । ଏଗୁଡ଼ିକ ରରକ୍ଷଣାବେକ୍ଷଣ କରିବା ପାଇଁ ସଦସ୍ୟମାନେ ଶପଥ ନେଇଥିଲେ ।

**କେନ୍ଦ୍ରାପଡ଼ା ପୌରପାଳିକା**

**ସଂଖ୍ୟା: ୩୪୨୨** **ତାରିଖ: ୩୦।୦୭।୨୦୧୯**

**ସୂଚନା**

ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କେନ୍ଦ୍ରାପଡ଼ା ପୌରପାଳିକା ତା ୦୧।୧୧।୨୦୧୮ ରିଖ ଦିନ ବାହ୍ୟ ମଳମୁକ୍ତ ସହର ଭାବେ ଘୋଷିତ ହୋଇଥିଲା । ଏଥିନିମନ୍ତେ ନିଜସ୍ୱ ଶୌଚାଳୟ/ ଗୋଷ୍ଠୀ ଶୌଚାଳୟ/ ସାମୂହିକ ଶୌଚାଳୟ ମାନ ନିର୍ମିତ ହୋଇଥିଲା, ତେଣୁ କେନ୍ଦ୍ରାପଡ଼ା ପୌରପାଳିକାରେ କାହାକୁ ବାହାରେ ଶୌଚ କରିବାକୁ ଅନୁମତି ଦିଆଯାଇ ନାହିଁ।

ଏହି ସୂଚନା ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି କି ଯଦି ସେମାନେ ବାହାରେ ଶୌଚ କରିବାର ଦେଖାଯାଏ ତେବେ ସେମାନଙ୍କଠାରୁ ଏଥିନିମନ୍ତେ ଜରିମାନା ଆକାରରେ ୫୦ ଟଙ୍କା ପୌରପାଳିକାର ଟିକସ ସଂଗ୍ରାହକଙ୍କ ଦ୍ୱାରା ସଂଗ୍ରହ କରାଯିବ, ଯଦି ଏହି ଜରିମାନା ଆପଣ ଦାଖଲ ନ କରନ୍ତି ତେବେ ଏହି ଜରିମାନା ଆପଣଙ୍କ ଗୃହ ଟିକସରେ ଯୁକ୍ତ କରାଯିବ। ଏହା ସହିତ ଯଦି କେହି ଏହି ଆଦେଶକୁ ଅବମାନନା କରନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./- ନିର୍ବାହୀ ଅଧିକାରୀ**
**କେନ୍ଦ୍ରାପଡ଼ା ପୌରପାଳିକା**

Odisha Coal and Power Limited OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No : 0674-2300654 /2300664

**NOTICE INVITING TENDER**

Date: 01.08.2019

Sealed bids in prescribed format are invited from manufacturers/ suppliers / agencies/Contractor for the following work :

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| NIT No: OCPL/SITE-SUP-06/2019 | | | | | | |
| 1 | Supply & installation of VHF handset and batteries for OCPL | Rs.1180/- (Rupees One thousand one hundred and eighty only) including GST. | Rs.5,000/- (Rupees Five thousands Only) | 01.08.2019 | 13.08.2019 | 03:00 PM on 21.08.2019 03:30 PM on 21.08.2019 |

Interested bidders may download the RFP documents from our website, i.e www.ocpl.org.in. Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)
Mob : 7608008703

Odisha Coal and Power Limited OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No : 0674-2300654 /2300664

**NOTICE INVITING TENDER**

NIT No.OCPL/SER-94/2019 Date: 01.08.2019

Sealed bids in prescribed format are invited from companies/agencies/ firms for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| 1 | Core drilling, Preparation of Geological Report and Mining Plan for exploration of fireclay in Manoharpur Coal Block, Sundargarh, Odisha | Rs.11,800 (Rupees Eleven Thousand Eight Hundred Only) including GST. | Rs.1,00,000/- (Rupees One Lakh Only) | 01.08.2019 | 16.08.2019 | 3:00 PM on16.09.2019 3:30 PM on 16.09.2019 |

For further details, bidders may visit our website, i.e www.ocpl.org.in . Any clarification may please be addressed to the undersigned at the above address or by email to: a.kanungo@ocpl.org.in.

Sd./-
Addl. General Manager (Commercial & Contracts)
Tel -0674-2300964 (D)



ଭୀରୁ ବାରମ୍ବାର ମରେ; କିନ୍ତୁ ସାହସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ।
- ନେପୋଲିୟନ



## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଜଳିଗଲା ୨ ବଖରା

ଦଶପଲ୍ଲା,୩୧।୭(ଡି.ଏନ.ଏ.): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ମନ୍ଦିର ସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୨ ବଖରା ଘର ଜଳିଯାଇଛି। ବୁଧବାର ଅପରାହ୍ନ ସାଢେ ୫ଟାରେ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଗ୍ରାମର ଧନେଶ୍ୱର ସାହୁ ଓ ସରସ୍ୱତୀ ସାହୁଙ୍କ ଗୋଟିଏ ଲେଖାଏଁ ବଖରା ପୋଡିଯାଇଛି। ଖବରପାଇ ଦଶପଲ୍ଲା ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ। ଧନେଶ୍ୱରଙ୍କ ଘରେ ରୋଷେଇ ଚାଲିଥିବା ବେଳେ ଚୁଲିରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିବା ସହ ପ୍ରାୟ ୩୦ ହଜାର ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଛି।

### ସଚେତନତା ସଭା ଓ ଚାରାରୋପଣ

ଓଡ଼ଗାଁ,୩୧।୭(ସ୍ୱ.ପ୍ର.): କୋମଣ୍ଡ ହାଇସ୍କୁଲରେ ବନମହୋତ୍ସବ ପାଳନ ଅବସରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସ୍କୁଲର ମଦୂସୁଦନ କକ୍ଷରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରେଞ୍ଜର ରବୀନ୍ଦ୍ର ନାଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବନପାଳ ସନ୍ତୋଷ ପରିଡା, ସିଆରସିସି ରଞ୍ଜନ କୁମାର ଦାଶ, ଏବିଇଓ ସଦାଶିବ ପାତ୍ର ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନଥିଲେ। ଏହି ବୈଠକରେ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ କରିବା, ସବୁଜ ବଳୟ ସୃଷ୍ଟି କରିବାକୁ ସମସ୍ତେ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାକୁ ଆନ୍ତିରକତାର ସହିତ ପାଳନ କରିବାକୁ ଛାତ୍ରୀଛାତ୍ରମାନଙ୍କ ମଧରେ ସଚେତନତା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ମିଳିମିଶି ଶିଶୁ, ଅଁଳା, ଚମ୍ପା, ଇୟୁକାଲପଟାସ, ଲିମ୍ବ ଆଦି ୧୨୦ଟି ଚାରା ରୋପଣ କରିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

ପୁରୀ ଅଫିସ, ୩୧।୭: ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ବରିଷ୍ଠ ଆଚାର୍ଯ୍ୟା ହୀରାମଣି ମହାପାତ୍ରଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଏହି ବିଦ୍ୟାଳୟରେ ଦୀର୍ଘ ୨୫ବର୍ଷ କାଳ ଶିକ୍ଷକତା କରିଥିଲେ। ତାଙ୍କର ଶିକ୍ଷାଦାନ ଶୈଳୀ ଓ ପିଲାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ସର୍ବଦା ପ୍ରଶଂସନୀୟ ବୋଲି ମତ ପ୍ରକାଶ ପାଇଥିଲା। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମିତି ସଭାପତି ସୁନିଲ ଚକ୍ରବର୍ତ୍ତୀ, ଉପସଭାପତି ରତ୍ନାକର ସାହୁ, ସମ୍ପାଦକ ପ୍ରିୟରଞ୍ଜନ ସାହୁ, ଶ୍ୟାମକାହ୍ନା ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ, ଗୁରୁମା ଓ ଗୁରୁଜୀ ଉପସ୍ଥିତ ଥିଲେ।

# କୁସୁମୀ ସେତୁ ଆପ୍ରୋଚ ରାସ୍ତା ନିର୍ମାଣରେ ବିଳମ୍ବ

## ବିଭାଗୀୟ କର୍ତ୍ତୃପକ୍ଷଙ୍କ ନୀରବ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୩୧।୭(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ଗ୍ରାମ ନିକଟସ୍ଥ ରାଣୀଛେଲି ପଞ୍ଚାୟତସ୍ଥ କଳପଙ୍ଗୀ ଗ୍ରାମକୁ ସଂଯୋଗ କରୁଥିବା କୁସୁମୀ ନଦୀ ଉପରେ ଆପ୍ରୋଚ ରାସ୍ତା ନିର୍ମାଣରେ ବିଳମ୍ବ ନେଇ ଅଭିଯୋଗ ହେଉଛି। ଏ ନେଇ ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ନ କରିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବିଜୁ ସେତୁ ଯୋଜନାରେ ଏହି ନଦୀ ଉପରେ ସେତୁ ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ହୋଇ ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ସେତୁର ନିର୍ମାଣ କାର୍ଯ୍ୟ ଗତ ୨ବର୍ଷ ପୂର୍ବରୁ ସରିଛି। ତେବେ ସେତୁର ଉଭୟ ପାର୍ଶ୍ୱ ଆପ୍ରୋଚ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି।



ଅଧାପନ୍ତରିଆ ଅବସ୍ଥାରେ ଆପ୍ରୋଚ ରାସ୍ତା।

କେତେକାଂଶରେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଓ ମାଟି ପ୍ୟାଙ୍କିଂ କାମ ମଧ ଶେଷ ହୋଇଯାଇଛି। ମାତ୍ର ଆପ୍ରୋଚ ରାସ୍ତାଟି ସିମେଣ୍ଟ କଂକ୍ରିଟ୍ କିମ୍ବା ପିଚୁ ହୋଇ ନ ଥିବାରୁ ବର୍ଷାରେ ମାଟି ଧୋଇ ହୋଇ ଯାତାୟାତକାରୀଙ୍କ ପାଇଁ ବିପଜ୍ଜନକ ପାଲଟିଛି । ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ ଯୋଗୁ ଅଯଥା ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ବର୍ଷାଋତୁ ପୂର୍ବରୁ କୁସୁମୀ ସେତୁର ଉଭୟ ପାର୍ଶ୍ୱ ଆପ୍ରୋଚ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବୋଦସା, ରାଣୀଛେଲି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ନାରାୟଣ ସେଠୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନ ଥିବା ସେ କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି ବୋଲି ସେଠୀ କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଓ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି ।

### ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ପୁରୀ ଅଫିସ, ୩୧।୭

ପୁରୀ ସଦର ଥାନା ଅଧୀନ ମଙ୍ଗଳା ନଦୀରେ ମାଛ ଧରିବାକୁ ଯାଇ ଗୌଡ଼ବାଡ଼ ସାହିର ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ବୁଧବାର ମଙ୍ଗଳାଘାଟ ବ୍ରିଜ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଶିବୁ ମଣ୍ଡଳ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ମଙ୍ଗଳବାର ଶିବୁ ଦୁଇଜଣ ସାଙ୍ଗଙ୍କ ସହିତ ମାଛ ଧରିବା ଲାଗି ଯାଇଥିଲେ। ନଦୀ ପାର ହେବାବେଳେ ଦୁଇଜଣ ସାଙ୍ଗ ଆଗରେ ଚାଲିଯାଇଥିଲେ। ଶିବୁ ପଛରେ ରହି ଯାଇଥିଲେ। କିଛି ସମୟ ପରେ ଦୁଇ ସାଥି ବୁଲି ଦେଖିବା ବେଳକୁ ଶିବୁଙ୍କୁ ପାଇ ନ ଥିଲେ। ଏ ନେଇ ଦୁହେଁ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାରଠୁ ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ ଶିବୁଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ବୁଧବାର ସକାଳେ ପୁଣି ମଙ୍ଗଳା ନଦୀରେ ଖୋଜାଖୋଜି ବେଳେ ତାଙ୍କ ମୃତଦେହ ମିଳିଥିଲା।

# ଜମିପଟ୍ଟା ପାଇଁ ପ୍ରଶାସନର ଦ୍ୱାରସ୍ଥ ବସ୍ତିବାସିନ୍ଦା



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବ୍ରଜବଲ୍ଲଭପୁର ସାହି ଲୋକମାନେ।

ନୟାଗଡ଼ ଅଫିସ,୩୧।୭

ନୟାଗଡ଼ ଜିଲା ରଣପୁର ଏନ୍ଏସି ନୂଆଗାଁ ୧୨ ନମ୍ବର ୱାର୍ଡ ବ୍ରଜବଲ୍ଲଭପୁର ମୌଜାର ବସ୍ତିବାସିନ୍ଦାମାନେ ଜମିପଟ୍ଟା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ୟା ଜଣାଇଛନ୍ତି।

ବସ୍ତିବାସିନ୍ଦାଙ୍କ କହିବା ଅନୁଯାୟୀ ସେମାନେ ସମସ୍ତେ ଦିନମଜୁରିଆ । ସେମାନଙ୍କର ଜମି ନ ଥିବାରୁ ୧୯୮୯ ମସିହାଠାରୁ ବ୍ରଜବଲ୍ଲଭପୁରଠାରେ ଥିବା ସରକାରୀ ଜାଗାରେ ରହିଆସୁଛନ୍ତି। ୧୯୯୫ ମସିହାରେ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପାଇଁ ରଣପୁର ତହସିଲଦାରଙ୍କଠାରୁ ଆରମ୍ଭ କରି ନୟାଗଡ଼ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ ପ୍ରଶାସନ ପକ୍ଷରୁ ଏହାର କୌଣସି ସମାଧାନ କରାଗଲା ନାହିଁ। ଜମିପଟ୍ଟା ନ ଥିବାରୁ ସେମାନଙ୍କୁ କୌଣସି ସରକାରୀ ସହାୟତା ମିଳିପାରୁନାହିଁ। ଏପ୍ରିଲ ୨୦୧୮ ମସିହାରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ରଣପୁର ଏନ୍ଏସିରେ ବସବାସ କରୁଥିବା ଭୂମିହୀନମାନଙ୍କୁ ଜମିପଟ୍ଟା ଦିଆଯିବ ବୋଲି ସର୍ଭେ କରାଯାଇଥିଲା। ଉକ୍ତ ସର୍ଭେରେ ସେଠାରେ ବସବାସ କରୁଥିବା ୨୦ ପରିବାରଙ୍କୁ ଜମି ପଟ୍ଟା ଦେବା ପାଇଁ ଚିହ୍ନଟ କରାଯାଇଥିଲା। ୧ବର୍ଷ ବିତି ଯାଇଥିଲେ ମଧ ସେମାନଙ୍କୁ ଘରବାରି ପଟ୍ଟା ମିଳିପାରିନାହିଁ। ପ୍ରତିଶ୍ରୁତି ପାଣିର ଗାର ପାଲଟିଥିବା ସେମାନେ ଅଭିଯୋଗ କରିଛନ୍ତି। ଉକ୍ତ ବସ୍ତିବାସିନ୍ଦା ଏନ୍ଏସି କାର୍ଯ୍ୟାଳୟକୁ ଯାଇ ବାରମ୍ବାର ଜଣାଇଥିଲେ ମଧ ଏହାର ସମାଧାନ କରିବା ପରିବର୍ତ୍ତେ ବରଂ ଏନ୍ଏସି କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ ଅପମାନିତ କରାଯାଉଥିବା ନେଇ ଅଭିଯୋଗ ହେଉଛି। ତେଣୁ ତୁରନ୍ତ ପଟ୍ଟା ଯୋଗାଇଦେବା ପାଇଁ ବସ୍ତିବାସିନ୍ଦା ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗଙ୍ଗାଧର ନାୟକଙ୍କ ନେତୃତ୍ୱରେ ଏକାଧିକ ବ୍ୟକ୍ତି ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ଉପଜିଲାପାଳ ଅନୁପସ୍ଥିତ ଥିବାରୁ କାର୍ଯ୍ୟାଳୟରେ ଅଭିଯୋଗ କରି ବସ୍ତିବାସିନ୍ଦାମାନେ ଫେରି ଯାଇଛନ୍ତି।

### ନୀଳାଚଳ ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ

ପୁରୀ ଅଫିସ, ୩୧।୭

ନୀଳାଚଳ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ ବୁଧବାର ପ୍ରମୋଦ କନ୍‌ଭେନଶନଠାରେ ଅନୁଷ୍ଠିତ ହୋଇଯାଇଛି। ଆର୍‌ଆଇ ଜିଲା ୩୨୬୨ର ଆଗାମୀ ଗଭର୍ନର ସୌମ୍ୟରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଜି ରୋଟାରିଆନ ଅଜିତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଗାମୀ ବର୍ଷ ପାଇଁ ସଭାପତି ସିଏସ୍ ବିମଳ ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ସିଏସ୍ ବିଶ୍ୱଜିତ ମହାପାତ୍ରଙ୍କୁ ମୁଖ୍ୟ ଅତିଥି ଶପଥପାଠ କରାଇଥିଲେ। ସାମାଜିକ କର୍ମୀ ଗୁରୁ ହରିହର ସିଂ ଓ ବ୍ରଜବନ୍ଧୁ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବର ପୂର୍ବତନ ସଭାପତି ଇଂ. ସତ୍ୟପ୍ରକାଶ ପଣ୍ଡା ପରିଚାଳନା କରିଥିଲେ। କ୍ଲବର ନୂତନ ସମ୍ପାଦକ ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ରୋଟାରିଆନ ରାଜପ୍ରତିମ ମହାପାତ୍ର, ସୁନୀଲ ମହାପାତ୍ର, ବଦ୍ରିନାରାୟଣ ମହାସୁଆର, ଗଣେଶ ମହାପାତ୍ର, ଚନ୍ଦନ ଜଗଦ୍ଦେବ, ଦୀପକ ସାହୁ, ଅଭିଷେକ ପଣ୍ଡା, ନୂତନ ଦାସମହାପାତ୍ର, ହରେକୃଷ୍ଣ ମହାପାତ୍ର, ସୁମନ୍ତ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଛାତ୍ର ସମାବେଶ ପାଇଁ ପ୍ରସ୍ତୁତି ବୈଠକ

# ବେକାର ନ ହୋଇ ବିଦ୍ରୋହୀ ହୁଅ

ନୟାଗଡ଼ ଅଫିସ,୩୧।୭

ଅଗଷ୍ଟ ୯ ତାରିଖରେ ହେବାକୁ ଥିବା ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନର ସମାବେଶ ପାଇଁ ବୁଧବାର ଅପରାହ୍ନରେ ସ୍ଥାନୀୟ ଗୁଣ୍ଡିଚାମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ନେତା ବିଶ୍ୱଜିତ ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ କୃଷକ ସଙ୍ଗଠନ ତଥା ରାଜ୍ୟ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ନନ୍ଦ ଉଦ୍‌ବୋଧନ ଦେଇ ବିଜେଡି ୨୦ ବର୍ଷ ଶାସନକାଳ ଭିତରେ ୪୯ ଲକ୍ଷ ୫୧ ହଜାର ବେକାର ସୃଷ୍ଟି କରିଥିବା ବେଳେ ମାତ୍ର ୪୯ ହଜାର ଲୋକଙ୍କୁ ନିଯୁକ୍ତି ଦେଇ ବାହାବା ନେଉଥିବା ପ୍ରକାଶ କରିଥିଲେ। ଯୁବ ସମାଜ ଚାକିରି ପାଇଁ ଦାବି କରନ୍ତୁ, ବେକାରି ଭତ୍ତା ପାଇଁ ନୁହେଁ। ତେଣୁ ବେକାର ନ ହୋଇ ବିଦ୍ରୋହ କରିବା ପାଇଁ ସେ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ। ବେକାର ସମସ୍ୟାକୁ ନେଇ ଭୁବନେଶ୍ୱର ଲୋୟର ପିଏମଜିରେ ଅଗଷ୍ଟ ୯ ତାରିଖରେ ହେବାକୁ ଥିବା ବିଦ୍ରୋହରେ ସାମିଲ ହେବା ପାଇଁ ଯୁବ ଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଯୁବକ, ଛାତ୍ରମାନେ ଏକାଠି ହୋଇ ସରକାରଙ୍କୁ ଚାଉଳ ନୁହେଁ ଚାକିରି ମାଗିବେ ବୋଲି ସେ କହିଥିଲେ। ଜିଲା ସଂଯୋଜକ ମହେଶ୍ୱର ଜେନା, ଜିଲା ସହ ସଂଯୋଜକ ରଞ୍ଜିତ ଦଳବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ଜିନିଷରେ ଜିଏସଟି ଲାଗୁ ହୋଇଥିବା ବେଳେ ଏହି ଟଙ୍କା ଗରିବ ଲୋକଙ୍କ କାମରେ ଆସୁ ନ ଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ନାରୀନେତ୍ରୀ ମମତା ନାଥ, ପ୍ରସନ୍ନ ପ୍ରଧାନ, ସୁଧୀର ଦାଶ, ବିଶ୍ୱନାଥ ପ୍ରଧାନ, ସନ୍ତୋଷ ଖଟୁଆ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।



ବୈଠକରେ ଯୋଗଦେଇଥିବା ଯୁବକମାନେ।

# କରଜ ଟଙ୍କା ଶୁଝି ନ ପାରି ମାନସିକ ଭାରସାମ୍ୟ ହରାଇଥିଲେ ନାରାୟଣ

ନୟାଗଡ଼ ଅଫିସ,୩୧।୭

କଟକ ସହରରେ ୩ଜଣ ଲୋକଙ୍କ ଗଳାକାଟି ହତ୍ୟା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟିକରିଛି। ଏହି ଘଟଣାରେ ୨୭ ତାରିଖ ରାତ୍ରିରେ କଟକ ଓ ଓଡ଼ଗାଁ ପୋଲିସ ମିଳିତ ଭାବେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସୁନାମୁହିଁ ଗ୍ରାମ ଗୋପୀନାଥପୁର ସାହିରେ ଚଢ଼ାଉ କରି ନାରାୟଣ ସାହୁଙ୍କୁ ଗିରଫ କରିଥିଲେ। ତେବେ ନାରାୟଣ ନିର୍ଦ୍ଦୋଷ ଥିବା ବେଳେ ପୋଲିସ ତାଙ୍କୁ ଫସାଇ ଦେଇଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ନେଇ ନାରାୟଣଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁଙ୍କ କହିବାନୁସାରେ ତାଙ୍କ ସ୍ୱାମୀ ନିର୍ଦ୍ଦୋଷ । ୨୩ ତାରିଖରେ ନାରାୟଣ ଗ୍ରାମରେ ଥିବା ବେଳେ ପୋଲିସ କିପରି ସେହିଦିନ ସେ ହତ୍ୟା କରିଛନ୍ତି କହୁଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ପ୍ରକାଶ ଯେ, ସୁନାମୁହିଁ ଗ୍ରାମ ଗୋପୀନାଥପୁର ସାହିର ଦୟାନିଧିଙ୍କ ସାନପୁଅ ହେଉଛନ୍ତି ନାରାୟଣ। ନାରାୟଣ ପ୍ରାୟ ୨୦ ବର୍ଷ ତଳେ ଗଞ୍ଜାମ ଜିଲା କୁମ୍ଭାପଡ଼ା ଅଞ୍ଚଳରେ ଭଡ଼ାରେ ରହି ବୁଲି ବୁଲି ଚୁଡ଼ି ଓ ଚପଲ ବେପାର କରୁଥିଲେ। ୧ ମାର୍ଚ୍ଚ ୨୦୦୬ରେ ନାରାୟଣ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ଗ୍ରାମର ଗୀତାଞ୍ଜଳିଙ୍କୁ ବିବାହ କରିଥିଲେ। ପରେ ନାରାୟଣ ସ୍ତ୍ରୀ ଗୀତାଞ୍ଜଳିଙ୍କୁ କୁମ୍ଭାପଡ଼ା ନେଇ ସେଠାରେ ରହି ବେପାର କରୁଥିଲେ । କିଛି ଦିନ ପରେ ତାଙ୍କର ବେପାର ବଢିବାରେ ଲାଗିଲା। ଫଳରେ ସେ ଟଙ୍କା ସଞ୍ଚୟ କରି ୨୦୦୯ରେ ରୁପା ଜିନିଷ ବିକ୍ରି ଆରମ୍ଭ କରିଥିଲେ। ବିଭିନ୍ନ ଗ୍ରାମ ବୁଲି ରୁପା ଜିନିଷ ବିକ୍ରି କରୁଥିଲେ। ଏହି ସମୟରେ ନାରାୟଣ କୁମ୍ଭାପଡ଼ାରେ ଜାଗା କିଣି ୨ ମହଲା ଘର କରିଥିଲେ। ବେପାର ପଇସା ଘର ତିଆରିରେ ଲଗାଇ ଦେଇଥିବାରୁ ପରେ ବେପାର କରିବାରେ ସମସ୍ୟା ଦେଖାଦେଇଥିଲା । ଫଳରେ ନାରାୟଣ କୁମ୍ଭାପଡ଼ାର ଜଣେ ବ୍ୟକ୍ତିଙ୍କଠାରୁ ୧ ଲକ୍ଷ ୬୨ ହଜାର ଟଙ୍କା ଧାର ଆଣିଥିଲେ। ହେଲେ ସେ ଟଙ୍କା ଶୁଝି ନ ପାରିବାରୁ ୨୦୧୭ରେ ଟଙ୍କା ଦେଇଥିବା ବ୍ୟକ୍ତିଙ୍କ ପରିବାର ଲୋକ ଉକ୍ତ ଘର ଓ ଜମିକୁ ସେମାନଙ୍କ ନାମରେ ପଟ୍ଟା କରି ନେଇଥିବା ଗୀତାଞ୍ଜଳି ପ୍ରକାଶ କରିଛନ୍ତି। ଏହା ପରେ ନାରାୟଣ କୁମ୍ଭାପଡ଼ା ଅଞ୍ଚଳରେ ଭଡ଼ାରେ ରହି ବେପାର କରୁଥିଲେ। ବିଭିନ୍ନ ଆଡୁ ଟଙ୍କା ଧାର ଆଣିଥିବାରୁ ପ୍ରତିଦିନ ଲୋକମାନେ ଟଙ୍କା ମାଗିବା ପାଇଁ ଘରକୁ ଆସନ୍ତି। ଯାହାକୁ ନେଇ ନାରାୟଣ ମାନସିକ ଅଶାନ୍ତିରେ ରହୁଥିଲେ। ଏହା ପରେ ତାଙ୍କର ମାନସିକ ବିକୃତି ଦେଖା ଦେଇଥିଲା। ଫଳରେ ସ୍ତ୍ରୀ ତାଙ୍କ ପୁଅ ଓ ଝିଅଙ୍କୁ ନେଇ ଶ୍ୱଶୁର ଘର ଗୋପୀନାଥପୁର ସାହିକୁ ପଳାଇ ଆସିଥିଲେ। ପରେ ଗୀତାଞ୍ଜଳି ବାପଘର ମହିପୁରକୁ ପିଲାମାନଙ୍କୁ ନେଇ ଚାଲି ଆସିଥିଲେ। ଏବେ ନାରାୟଣଙ୍କ ପୁଅ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଝିଅ ସପ୍ତମ ଶ୍ରେଣୀରେ ପଢୁଛନ୍ତି।

ଅନ୍ୟପକ୍ଷେ ଦେଢ଼ବର୍ଷ ତଳେ ନାରାୟଣଙ୍କ କିଛି ସମ୍ପର୍କୀୟ କଟକ ଏସ୍‌ସିବି ମେଡିକାଲ୍‌କୁ ତାଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେ ମେଡ଼ିକାଲ୍‌କୁ ନ ଯାଇ ବାରଣ୍ଡାରୁ ଫେରାର ହୋଇଯାଇଥିବା ପରିବାର ଲୋକ ପ୍ରକାଶ କରିଛନ୍ତି। ଏହାପରେ ନାରାୟଣଙ୍କ ପତ୍ତା ମିଳି ନ ଥିଲା। ପରିବାର ଲୋକେ ନାରାୟଣ କଟକ ଓ ଭୁବନେଶ୍ୱର ଅଞ୍ଚଳରେ ବୁଲୁଥିବାର ଖବର ପାଉଥିଲେ। ଗତ ୨୨ ତାରିଖରେ ନାରାୟଣ ଭୁବନେଶ୍ୱରରେ ରହୁଥିବା ଭଉଣୀ ଘରକୁ ଯାଇଥିଲେ। ସେଠାରେ ତାଙ୍କ ଭଉଣୀ ତାଙ୍କୁ ନୂଆ ଶାର୍ଟ ପ୍ୟାଣ୍ଟ କିଣି ଦେବା ସହିତ ୨୦୦ ଟଙ୍କା ଦେଇଥିଲେ। ୨୩ ତାରିଖ ସନ୍ଧ୍ୟାରେ ନାରାୟଣ ତାଙ୍କ ଗ୍ରାମକୁ ଆସିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମରେ ଚୁପଚାପ ବୁଲୁଥିବା ବେଳେ ୨୭ ତାରିଖ ରାତିରେ ନାରାୟଣଙ୍କୁ ପୋଲିସ ନେଇ ଯାଇଥିବା ତାଙ୍କ ବାପା ଦୟାନିଧି ପ୍ରକାଶ କରିଛନ୍ତି। ସେ ୨୩ ତାରିଖରେ ଗ୍ରାମରେ ଥିବା ବେଳେ ୨୩ ଓ ୨୪ ତାରିଖରେ କିପରି ହତ୍ୟାକାଣ୍ଡ ଘଟାଇଲେ ବୋଲି ପରିବାର ଓ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ପୋଲିସ ଜାଣିଶୁଣି ନିରୀହ ଲୋକଙ୍କୁ ଫସାଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଉପଯୁକ୍ତ ତଦନ୍ତ ପାଇଁ ବୁଧବାର ପରିବାର ଲୋକ ଓ ଗ୍ରାମବାସୀ ନୟାଗଡ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷେ ନାରାୟଣ ଗୁଣି କରୁଥିବାରୁ ବଳି ପାଇଁ ଏହିଭଳି ହତ୍ୟା କରିଥିବା ନେଇ ପୋଲିସ ସୂଚନା ଦେଉଥିବା ବେଳେ ଗ୍ରାମବାସୀ ଏହାକୁ ଖଣ୍ଡନ କରିଛନ୍ତି।

### ତହସିଲ କାର୍ଯ୍ୟାଳୟ ପରିସରରେ ଚାରାରୋପଣ

ଭାପୁର,୩୧।୭ (ଡି.ଏନ୍.ଏ)

ନୟାଗଡ଼ ଜିଲା ଭାପୁର ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ସୁନୀତା ଜେନା ବୁଧବାର ଚାରାରୋପଣ କରିଛନ୍ତି। ସେ ଦେବଦାରୁ, ବଉଳ ପ୍ରଭୃତି ବୃକ୍ଷର ଚାରାରୋପଣ କରିଛନ୍ତି। ଅଫିସକୁ ଆସୁଥିବା ଜନସାଧାରଣଙ୍କୁ ଛାୟା ପ୍ରଦାନ କରିବା ଉଦ୍ଦେଶ୍ୟରେ ବଉଳ ଆଦି ବୃକ୍ଷଗୁଡ଼ିକ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସରକାରୀ ଓକିଲ ସନାତନ ଷଡ଼ଙ୍ଗୀ, ମୁଖ୍ୟ କିରାଣି ମନୋରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ରେଞ୍ଜର ଶ୍ରୀନିବାସ ପଣ୍ଡା, ଫରେଷ୍ଟର ସନ୍ଧ୍ୟାରାଣୀ ନାୟକ, ଗାର୍ଡ ରଶ୍ମିତା ସେଠୀ, ରାଜେଶ୍ୱରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନକ୍ଷେତରେ ଚିତଉ ପୋତିଲେ ଚାଷୀ

ଗଣିଆ,୩୧।୭(ଡି.ଏନ.ଏ.)

ଚିତାଲାଗି ଅମାବାସ୍ୟା ଅବସରରେ ବୁଧବାର ଗଣିଆ ଅଞ୍ଚଳର ଚାଷୀମାନେ ଧାନକ୍ଷେତରେ ପୂଜାର୍ଚ୍ଚନା କରିବା ସହ ଚିତଉ ପୋତିଛନ୍ତି। ସକାଳୁ ଚାଷୀମାନେ ସମସ୍ତ ପୂଜା ସାମଗ୍ରୀ ଓ ଅଣଲେଉଟା ଚକୁଳି ପିଠାକୁ ଭୋଗଲାଗି କରିବା ପରେ ଏହି ସାମଗ୍ରୀକୁ କ୍ଷେତରେ ପୋତିଦେଇଥିଲେ। ଭଲ ଧାନ ଫସଲ ଅମଳର କାମନା କରି ଚାଷୀମାନେ ମାଟି ମା' ଓ ଲକ୍ଷ୍ମୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଏହି ତିଥିରେ ଚାଷ ଜମିରେ ଚିତଉ ପୋତିଥାନ୍ତି ବୋଲି ହରିପୁର ଗ୍ରାମର ଚାଷୀ ଦୁଆରି ବେହେରା କୁହନ୍ତି। ସେହିପରି ଗଣିଆ ବ୍ଲକର ବିଭିନ୍ନ ଗ୍ରାମରେ ଦେବାଦେବୀ ପୀଠରେ ପୂଜାର୍ଚ୍ଚନା କରାଯିବା ସହ ଠାକୁରଙ୍କୁ ଚିତାଲାଗି କରାଯାଇଥିଲା । ପ୍ରତିବର୍ଷ ଏହି ସମୟରେ ଚାଷୀମାନେ ରଥା ବେଉଷଣ କରୁଥିବା ବେଳେ ଚଳିତ ବର୍ଷ ସ୍ୱଳ୍ପବୃଷ୍ଟି ଯୋଗୁଁ ଗଣିଆ ଅଞ୍ଚଳର ବହୁ ସ୍ଥାନରେ ଚାଷକାର୍ଯ୍ୟ ପଛେଇଥିବା ଦେଖାଯାଇଛି । ଚାଷଜମିଗୁଡିକରେ ଆବଶ୍ୟକ ପରିମାଣର ପାଣି ନଥିବାରୁ କେତେକ ସ୍ଥାନରେ ଚାଷୀମାନେ ପାଣିପମ୍ପ ଲଗାଇ ଧାନ ଲଗାଉଛନ୍ତି। ତେବେ ଆସନ୍ତା ୧୫ଦିନ ମଧ୍ୟରେ ପ୍ରଚୁର ପରିମାଣରେ ବର୍ଷା ନହେଲେ ମରୁଡି ପରିସ୍ଥିତି ଉପୁଜିବ ବୋଲି ଚାଷୀ ମହଲରେ ଆଶଙ୍କା ଦେଖାଦେଇଛି।



ଜଣେ ଚାଷୀ ଧାନ କ୍ଷେତରେ ଚିତଉ ପୋତୁଛନ୍ତି।

# ଯାନବାହନ ଚେକିଂ ବେଳେ ପର୍ଯ୍ୟଟକ ହନ୍ତସନ୍ତ

ଖଣ୍ଡପଡ଼ା,୩୧।୭(ସ୍ୱ.ପ୍ର.)

ନୟାଗଡ଼ ପରିବହନ ବିଭାଗ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଯାନବାହନ ଚେକିଂବେଳେ କଣ୍ଟିଲୋଠାରେ ପଶ୍ଚିମବଙ୍ଗ ଦେ ଗଙ୍ଗା ଅଞ୍ଚଳରୁ ଆସିଥିବା ଏକ ଟୁରିଷ୍ଟ ବସ (ନଂ ଡବ୍ଲ୍ୟୁ ସି ୧୦୨୦)କୁ ଯାଞ୍ଚ କରାଯାଇଥିଲା। ଏଥିଯୋଗୁ ଯାତ୍ରୀ ହଇରାଣ ହୋଇଥିବା ଅଭିଯୋଗ ହୋଇଛି। ସମୀର ଟ୍ରାଭେଲ୍ ନାମକ ଏକ ବସରେ ପ୍ରାୟ ୭୦ ଜଣ ମହିଳା,ପୁରୁଷ ସେମାନଙ୍କ ପିଲାମାନଙ୍କ ସହ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ସାରି ଅପରାହ୍ନ ୩ଟା ବେଳେ ଘରକୁ ଫେରୁଥିଲେ। ଏ ସମୟରେ ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ତ୍ତୃପକ୍ଷ(ଆରଟିଓ) କମେଇ ସେତୁ ନିକଟରେ ସମ୍ପୃକ୍ତ ଗାଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ । ଆର୍‌ଟିଓ





ପଶ୍ଚିମବଙ୍ଗରୁ ଆସିଥିବା ଟୁରିଷ୍ଟ ବସ୍।

## ବିନା ରସିଦରେ ଜରିମାନା ଆଦାୟ ଅଭିଯୋଗ

ଗାଡିର କାଗଜପତ୍ର ଠିକ ନ ଥିବା ଓ ବେଆଇନ ଦର୍ଶାଇବାରୁ ଗାଡିଚାଳକ ବାଲେଶ୍ୱରଠାରେ ରୋଡ୍ ଟ୍ୟାକ୍ସ ଓ ଅନ୍ୟାନ୍ୟ ଦେୟ ବାବଦରେ ୨୪ ହଜାର ଟଙ୍କା ଜମା ଦେଇଥିବା ରସିଦ ଦେଖାଇଥିଲେ । ତେବେ ଡ୍ରାଇଭିଂ ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜପତ୍ର ନେଇ କର୍ତ୍ତୃପକ୍ଷ ନୟାଗଡ଼ କାର୍ଯ୍ୟାଳୟକୁ ଚାଲିଯାଇଥିଲେ। ସେଠାରେ ପହଞ୍ଚି ନିବେଦନ କରିବା ପରେ କର୍ତ୍ତୃପକ୍ଷ ତାଙ୍କ କାଗଜପତ୍ର ଫେରାଇ ବିନା ରସିଦରେ ଜରିମାନା ବାବଦରେ ୯ହଜାର ଟଙ୍କା ରଖିଥିବା ଓ ମୋବାଇଲକୁ ମେସେଜ୍ ଯିବ କହିଥିବା ଡ୍ରାଇଭର୍ ଅଭିଯୋଗ କରିଥିଲେ। ଚାଳକ ରାତି ୮ଟାରେ କଣ୍ଟିଲୋରେ ପହଞ୍ଚିବା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଦୀର୍ଘ ୫ ଘଣ୍ଟା ହନ୍ତସନ୍ତ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଥିଲା। ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ମଧ ଅବଗତ ନ ଥିବା ଜଣାପଡ଼ିଛି। ନୟାଗଡ଼ ଆରଟିଓ କାର୍ଯ୍ୟାଳୟ ସୂତ୍ରରୁ ଟଙ୍କା ଜମା ହୋଇଥିବା ଓ ମୋବାଇଲ୍‌କୁ ମେସେଜ୍ ଯିବ ବୋଲି ଜଣାଇ ଦିଆଯାଇଥିବା ସୂଚନା ମିଳିଛି। ଯଦି ଜରିମାନା ବାବଦରେ କିଛି ଅଭିଯୋଗ ହୁଏ ତଦନ୍ତ କରାଯିବ ବୋଲି ଆର୍‌ଟିଓ ପ୍ରତାପ ପ୍ରୀତିମୟ ପ୍ରକାଶ କରିଛନ୍ତି।